

The Chetana
# ଚେତନା
ଗାଁ ରୁ ଆରମ୍ଭ...



ଉତ୍କର୍ଷ ର ୨୮ ବର୍ଷ

ଚେତନା ଦୈନିକ ଖବର କାଗଜ

ସୋମବାର ୧୭ ନଭେମ୍ବର ୨୦୨୫ | ● ବର୍ଷ-୨୮ | ● ଅଙ୍କ - ୨୦ | ● ପୃଷ୍ଠା -୦୧ | ● ମୂଲ୍ୟ-୦୫/- | ● RNI-ORORI25A0507 www.chetanalive.com


# ବିଳାସପୂର୍ଣ୍ଣ କଟେଜରୁ ପ୍ରକୃତିର ମଜା.ରାଜ୍ୟର ୬ଟି ସ୍ଥାନରେ ଇକୋ ରିଟ୍ରିଟ ଆରମ୍ଭ



ଭୁବନେଶ୍ୱର: ଖୋଲିଲା ଇକୋ ରିଟ୍ରିଟ । ଗତକାଲି ରାଜ୍ୟରେ ୬ଟି ଇକୋ ରିଟ୍ରିଟକୁ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଭିଡିଓ କନଫରେନ୍ସ ମାଧ୍ୟମରେ ଶୁଭ ଉଦଘାଟନ କରିଛନ୍ତି । ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ଦେବାକୁ ହୀରାକୁଦ, ସାତକୋଶିଆ, ସୁନାପୁର (ଗଞ୍ଜାମ), ଦାରିଙ୍ଗିବାଡି, ପୁଟସିଲ,ଭିତରକନିକାରେ ଆଭାସୀ ଯୋଗେ ଇକୋ ରିଟ୍ରିଟ ଉଦଘାଟନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ।OTDC ମାଧ୍ୟମରେ ଏହି କଟେଜ ଗୁଡିକୁ ବୁକ କରାଯାଇ ପାରିବ । ସୂଚନାଥାଉକି, କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ପେଣ୍ଠ ସମୁଦ୍ର କୂଳରେ ଆରମ୍ଭ ହୋଇଛି ଷଷ୍ଠ ବାର୍ଷିକ ଇକୋ-ରିଟ୍ରିଟ । ଭିତରକନିକା ଜୈବ ବିବିଧତା ସାଙ୍ଗକୁ ବଉଳା କୁମ୍ଭୀର ଦେଖିବାର ମଜା ନେବେ ପର୍ଯ୍ୟଟକ ।ପେଣ୍ଠ ଠାରେ ଥିବା ଇକୋ-ରିଟ୍ରିଟରେ ୨୫ଟି କଟେଜ ରହିଛି ଯେଉଁଥିରେ ୨୦ଟି ଡିଲକ୍ସ ଓ ୫ଟି ପ୍ରିମିୟମ କଟେଜ ରହିଛି । ରାଜ୍ୟର ପର୍ଯ୍ୟଟନର ବିକାଶ ନିମନ୍ତେ ରାଜ୍ୟ ସରକାର ଏହି ଯୋଜନା କରିଛନ୍ତି । ରାଜ୍ୟରେ ଥିବା ପର୍ଯ୍ୟଟନ ସ୍ଥଳୀର ବିକାଶ ସହ ଦେଶ ବିଦେଶରେ ଏହାକୁ ପରିଚିତ କରିବା ପାଇଁ ସରକାରଙ୍କର ଏହି ଯୋଜନା । ଏହି ଇକୋ-ରିଟ୍ରିଟରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମନଲୋଭା ଦୃଶ୍ୟକୁ ପର୍ଯ୍ୟଟକ ମାନେ ଉପଭୋଗ କରିପାରିବେ ।ସେହିପରି ସମ୍ବଲପୁର ସହର ଉପକଣ୍ଠ ହୀରାକୁଦ ଡ୍ୟାମର ଲେଫ୍ଟ ଡ଼ାଇକର ବଲବସପୁର ଗାଁ ନିକଟରେ ଚଳିତ ବର୍ଷ ଇକୋ-ରିଟ୍ରିଟ ଆରମ୍ଭ ହୋଇଛି । ପାରା ସେଲିଙ୍ଗ, ହୀରାକୁଦ ଜଳଭଣ୍ଡାରରେ ବୋଟିଂ, ସାଇକେଲ ରାଇଡିଙ୍ଗ ସହ ସମ୍ବଲପୁରର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବାର ସୁବିଧା ପାଇ ପାରିବେ । କଟେଜ ଗୁଡିକରେ ବସି ହୀରାକୁଦ ଜଳଭଣ୍ଡାରର ସୁନ୍ଦର ଦୃଶ୍ୟ ମଜା ନେଇ ପାରିବେ ।ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡି ରେ ମଧ ଇକୋ ରିଟ୍ରିଟ୍ ର ଶୁଭ ଉଦଘାଟନ ହୋଇଯାଇଛି । ଏହି ଇକୋ ରିଟ୍ରିଟ୍ ୯୦ ଦିନ ପାଇଁ ଖୋଲା ଯାଇଥିବା ବେଳେ ନିୟମିତ ଆସୁଥିବା ପର୍ଯ୍ୟଟକ ମାନଙ୍କ ସେବା ଓ ସେମାନଙ୍କ ରହିବା ଖାଇବାର ସମସ୍ତ ବ୍ୟବସ୍ଥା ରହିଛି । ଖାଲି ଦାରିଙ୍ଗବାଡି ନୁହେଁ, କନ୍ଧମାଳ ଜିଲ୍ଲା ରେ ଏପରି ବହୁ ପର୍ଯ୍ୟଟନ ସ୍ଥଳୀ ରହିଛି । ସେଥି ମଧ୍ୟରେ କୋଟଗଡ ବ୍ଲକ ରେ ଲୁଦୁ ଜଳପ୍ରପାତ, ତୁମୁଡିବନ୍ଧ ବ୍ଲକ ରେ ବେଲଘରର କାଠ ବଙ୍ଗଳା, ବାଲିଗୁଡା ବ୍ଲକ ରେ ଝୁଲା କାଠ ପୋଲ ଭଳି ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ଘନ କୁହୁଡି ସହ ପ୍ରବଳ ଶୀତ କୁ ଉପଭୋଗ କରିବା ପାଇଁ ବହୁ ଦର୍ଶନୀୟ ସ୍ଥାନ ରହିଛି । ରାଜ୍ୟ ତଥା ରାଜ୍ୟ ବାହାରେ ବହୁ ପରିଚିତ ହୋଇଥିବା ବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ନିୟମିତ ଶହଶହ ପର୍ଯ୍ୟଟକ ମାନେ ଦାରିଙ୍ଗବାଡିକୁ ଆସିଥାନ୍ତି ।ଏପଟେ ଗଞ୍ଜାମ ଜିଲ୍ଲାର ସୁନାପୁର ବେଳାଭୂମିରେ ସୌନ୍ଦର୍ଯ୍ୟକୁ ଆହୁରି ବୃଦ୍ଧି କରିବା ନିମନ୍ତେ ଆରମ୍ଭ ହୋଇଛି ସୁନାପୁର ବେଳାଭୂମି ଇକୋ ରିଟ୍ରିଟ୍ ସେଣ୍ଟର । ବ୍ରହ୍ମପୁର ଠାରୁ ମାତ୍ର ୩୦ କିଲୋମିଟର ଦୂରରେ ରହିଛି ଏହି ସୁନାପୁର ବେଳାଭୂମି। ଶାନ୍ତ ଓ ସ୍ୱଚ୍ଛ ପରିବେଶରେ ଆୟୋଜିତ ହେବାକୁଥିବା ସୁନାପୁର ବେଳାଭୂମି ଇକୋ ରିଟ୍ରିଟ୍‌ରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁବିଧା ସୁଯୋଗର ଆୟୋଜନ କରାଯାଇଛି । ଏହି ସୁନାପୁର ବେଳାଭୂମି ବାହୁଦା ନଦୀ ଏବଂ ବଙ୍ଗୋପସାଗରର ନଦୀ ମୁହାଣରେ ଅବସ୍ଥିତ। ଏଠିକାର ସୂର୍ଯ୍ୟାସ୍ତ ଏବଂ ସୂର୍ଯ୍ୟୋଦୟର ସମୁଦ୍ର ଦୃଶ୍ୟ ଅତ୍ୟନ୍ତ ମନୋରମ ।ଜାଣିରଖନ୍ତୁ ୨୦୨୩-୨୪ରେ ସୁନାପୁର ବେଳାଭୂମିକୁ 'BLUE FLAG' ବିଚର ମାନ୍ୟତା ମିଳିଥିଲା । ୨୦୨୪-୨୫ ପାଇଁ ମଧ ସୁନାପୁର ଏହି ମାନ୍ୟତା ବଜାୟ ରଖିଛି ।

## ଜଙ୍ଗଲରୁ ବିପୁଳ ବିସ୍ଫୋରକ ଜବତ



ମାଲକାନଗିରି, ୧୬।୧୧, ଚେତନା ମିଡ଼ିଆ : ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଦୁଲାଗଣ୍ଡି ଗ୍ରାମ ନିକଟରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି। ବିଏସଏଫ ଏବଂ ଓଡ଼ିଶା ପୁଲିସ ପକ୍ଷରୁ ମିଳିତ କୋମ୍ବିଂ ସମୟରେ ପଥର ଗୁମ୍ଫା ତଳେ ଲୁଚାଇ ରଖାଯାଇଥିବା ଏହି ବିସ୍ଫୋରକର ସନ୍ଧାନ ମିଳିଥିଲା। ମାଓବାଦୀମାନେ ଏସବୁ ବିସ୍ଫୋରକ ଲୁଚାଇ ରଖିଥିବା ଜଣାପଡ଼ିଛି। ବିସ୍ଫୋରକ ମଧ୍ୟରେ ଗୋଟିଏ ବନ୍ଧୁକ, ୧୧୦ଟି ଜିଲାଟିନ ଷ୍ଟିକ, ମାଓବାଦୀ ପୁସ୍ତିକା, ୧୭୦ଟି ୭.୬୨ ଏମଏମ ଇଏଫସି, ୧୫୦ଟି କାଟ୍ରିଜ ରହିଛି।

## ଓଡିଶାରେ ଲୁଚିଥିଲେ ବାଂଲାଦେଶୀ... ପୋଲିସ ଚଢାଉ କରିବାରୁ ଧରାପଡିଲେ ୩୦ରୁ ଅଧିକ, ଘଟଣାସ୍ଥଳରୁ କିଛି ଫେରାର

ଭୁବନେଶ୍ୱର କାର୍ଯ୍ୟାଳୟ, ୧୬।୧୧, ଚେତନା ମିଡ଼ିଆ : ବିଦେଶୀ ମାନେ ଲୁଚିବାର ଭୁସ୍ୱର୍ଗ ହେଉଛି ଓଡିଶା। ମୁକୁଳା ସମୁଦ୍ର ପଥ ଅନୁପ୍ରବେଶକାରିଙ୍କୁ ବେଶ ସୁହାଉଛି। ଆମ ରାଜ୍ୟରେ ଲୁଚିଥିଲେ ଏକାଧିକ ବାଂଲାଦେଶୀ। ଚଢାଉ କରି ଦୁଇ ସନ୍ଦିଗ୍ଧଙ୍କୁ ଅଟକ ରଖି ଥିବା ବେଳେ ୩୦ ରୁ ଅଧିକ ପୁଲିସ କୁ ଚକମା ଦେଖେଇ ଫେରାର ହୋଇଯାଇଛନ୍ତି । ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜଗତସିଂହପୁର ଅନ୍ତର୍ଗତ ସଦରଥାନା ବେହେରାମପୁର ବସ୍ତିରେ ପୁଲିସ ଚଢ଼ାଉ କରିବା ପରେ ସେଠାରେ ଅନେକ ବାଂଲାଦେଶୀ ରହୁଥିବା ପୋଲିସ ଜାଣିପାରିଛି। ଏହି ଚଢାଉ କେତେକ ଘଟଣାସ୍ଥଳରୁ କୁଆଡେ ଫେରାର ହୋଇଯାଇଥିବା କୁହାଯାଉଛି।ଏକ ଭଡାଘରେ ୩୦ ରୁ ଅଧିକ ବାଂଲାଦେଶୀ ରହୁଥିବା ସୂଚନା ମିଳିଥିଲା। ଆଇନ ଶୃଙ୍ଖଳା କୁ ଅଖି ଆଗରେ ରଖି ଘଟଣାସ୍ଥଳରେ ଦୁଇ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି।ଏହି ଚଢ଼ାଉରେ ଗୋଟିଏ ବନ୍ଧୁକ ସହ କିଛି ମାରଣାସ୍ତ୍ର ଥିବା ଧରାପଡିଛି।ସୂଚନାଯୋଗ୍ୟ ଯେ ମାର୍ଚ୍ଚ ୨୦୨୫ରେ ଓଡ଼ିଶା ବିଧାନସଭାରେ ଦାଖଲ ହୋଇଥିବା ରିପୋର୍ଟ ଅନୁଯାୟୀ ଜଗତସିଂପୁର ଜିଲ୍ଲାରେ ୧,୧୧୨ ଜଣ ଅବୈଧ ବାଂଲାଦେଶୀ ନାଗରିକଙ୍କୁ ଚିହ୍ନଟ କରାଯାଇଥିଲା।ସୂଚନାଯୋଗ୍ୟ ଯେ ବାଂଲାଦେଶରୁ ବେଆଇନ ଭାବେ ଭାରତରେ ଆସି ରହୁଥିବା ବାଂଲାଦେଶୀଙ୍କୁ ଧରାଯାଉଛି।ରାଜ୍ୟରେ ମୋଟ ୩,୭୪୦ ଜଣ ଅବୈଧ ବାଂଲାଦେଶୀ ପ୍ରବାସୀ ଚିହ୍ନଟ ହୋଇଛନ୍ତି, ଯେଉଁଥିରେ କେନ୍ଦ୍ରାପଡ଼ାରେ ସର୍ବାଧିକ ସଂଖ୍ୟକ ୧,୬୪୯ ଜଣ ବାଂଲାଦେଶୀ ଚିହ୍ନଟ ହୋଇଥିଲେ ଏବଂ ତା'ପରେ ଜଗତସିଂପୁର ଜିଲ୍ଲାରୁ ସବୁଠାରୁ ଅଧିକ ଲୋକଙ୍କୁ ଧରା ଯାଇଥିଲା। ଏହି ବ୍ୟକ୍ତିମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରୟାସ ଆରମ୍ଭ ହୋଇଥିଲା।

## ଶୀତରେ ଥରୁଛି ସାରା ରାଜ୍ୟ, ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ଲାଗି ରହିବ



ଭୁବନେଶ୍ୱର -ବେଶ କିଛିଦିନ ଧରି ସାରା ରାଜ୍ୟରେ ଲାଗି ରହିଛି ଶୀତର ପ୍ରକୋପ। ଦିନ ବେଳା ମଧ ଏହି ଶୀତରୁ ଛାଡ ପାଇ ନାହିଁ। ରାତିରେଏହା ଆହୁରି ପ୍ରବଳ ହେବାରେ ଲାଗିଛି। ପାଣିପାଗ ବିଭାଗ ଅନୁସାରେ ଏହିପରି ଶୀତ ଆହୁରି ଦୁଇ ଦିନ ଧରି ଲାଗି ରହିବ। ମଙ୍ଗଳବାର ପରେ ଦିନର ତାପମାତ୍ର ଦୁଇ ରୁ ତିନି ଡିଗ୍ରୀ ବୃଦ୍ଧି ପାଇବ ବୋଲି ଜଣାପଡିଛି। ତେବେ ପାଣିପାଗ ବିଭାଗ ଅନୁସାରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଯେଉଁ ସର୍ବନିମ୍ନ ତାପମାତ୍ର ରହିଛି ତାହା ହେଲା
ଜି.ଉଦୟଗିରି ୫. ୮ ଡିଗ୍ରୀ
ଦାରିଙ୍ଗବାଡ଼ି: ୮ ଡିଗ୍ରୀ
ସେମିଳିଗୁଡ଼ା: ୭.୪ ଡିଗ୍ରୀ
ଫୁଲବାଣୀ: ୯ ଡିଗ୍ରୀ
ରାଉରକେଲା: ୧୦.୨ ଡିଗ୍ରୀ
ଭୁବନେଶ୍ୱର: ୧୩ ଡିଗ୍ରୀ
କଟକ:୧୩.୪ ଡିଗ୍ରୀ

Cold Wave in Odisha: ବେଶ କିଛିଦିନ ଧରି ସାରା ରାଜ୍ୟରେ ଲାଗି ରହିଛି ଶୀତର ପ୍ରକୋପ। ଦିନ ବେଳା ମଧ ଏହି ଶୀତରୁ ଛାଡ ପାଇ ନାହିଁ। ରାତିରେଏହା ଆହୁରି ପ୍ରବଳ ହେବାରେ ଲାଗିଛି। ପାଣିପାଗ ବିଭାଗ ଅନୁସାରେ ଏହିପରି ଶୀତ ଆହୁରି ଦୁଇ ଦିନ ଧରି ଲାଗି ରହିବ। ମଙ୍ଗଳବାର ପରେ ଦିନର ତାପମାତ୍ର ଦୁଇ ରୁ ତିନି ଡିଗ୍ରୀ ବୃଦ୍ଧି ପାଇବ ବୋଲି ଜଣାପଡିଛି।
ଜି.ଉଦୟଗିରି ୫. ୮ ଡିଗ୍ରୀ
ଦାରିଙ୍ଗବାଡ଼ି: ୮ ଡିଗ୍ରୀ
ସେମିଳିଗୁଡ଼ା: ୭.୪ ଡିଗ୍ରୀ
ଫୁଲବାଣୀ: ୯ ଡିଗ୍ରୀ
ରାଉରକେଲା: ୧୦.୨ ଡିଗ୍ରୀ
ଭୁବନେଶ୍ୱର: ୧୩ ଡିଗ୍ରୀ
କଟକ:୧୩.୪ ଡିଗ୍ରୀ

## ପାକିସ୍ତାନ ଜଡ଼ିତ ଥିବା ଅସ୍ତ୍ରଶସ୍ତ୍ର, ଡ୍ରଗ୍ସ ନେଟ୍‌ୱର୍କର ପର୍ଦ୍ଦାଫାଶ: ୫ ଗିରଫ

ଚଣ୍ଡିଗଡ଼,୧୭।୧୧: ପଞ୍ଜାବ ପୋଲିସ ୬ଟି ଅତ୍ୟାଧୁନିକ ପିସ୍ତଲ ଏବଂ ୧.୧୦ କେ.ଜି. ହେରୋଇନ୍ ସହ ୫ ଜଣଙ୍କୁ ଗିରଫ କରିବା ଫଳରେ ପାକିସ୍ତାନ ଜଡ଼ିତ ଥିବା ଅସ୍ତ୍ରଶସ୍ତ୍ର ଓ ଡ୍ରଗ୍ସ ନେଟ୍‌ୱର୍କର ପର୍ଦ୍ଦାଫାଶ ହୋଇଛି। ଗିରଫ ଅଭିଯୁକ୍ତମାନେ ପାକିସ୍ତାନରେ ଥିବା ପରିଚାଳକମାନଙ୍କ ସହ ସୋସିଆଲ୍ ମିଡିଆ ଏବଂ ଡ୍ରୋନ୍ ଯୋଗେ ଯୋଗାଯୋଗରେ ଥିଲେ ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି। ଗୋଇନ୍ଦା ସୂଚନା ଆଧାରରେ ଅମୃତସର କମିଶନରେଟ୍ ପୋଲିସ ଏହି ଚଢ଼ାଉ କରି ଡ୍ରଗ୍ସ ଓ ଅସ୍ତ୍ର ଚାଲାଣ ଯୋଜନାକୁ ପଣ୍ଡ କରିଦେଇଛି। ଜବତ ଅସ୍ତ୍ର ମଧ୍ୟରେ ୫ଟି ପଏଣ୍ଟ ଥ୍ରୀ ଜିରୋ ବୋର୍ ଏବଂ ଗୋଟିଏ ଗ୍ଲୋକ୍-୯ ଏମ୍ଏମ୍ ପିସ୍ତଲ ରହିଥିବା ଡିଜିପି ଗୌରବ ଯାଦବ କହିଛନ୍ତି। ପଞ୍ଜାବରେ ବେଆଇନ ଅସ୍ତ୍ରଶସ୍ତ୍ର ଏବଂ ଡ୍ରଗ୍ସ ପହଞ୍ଚାଇବାରେ ଡ୍ରୋନ୍ ବ୍ୟବହାର କରାଯାଉଥିଲା। ଅସ୍ତ୍ରଶସ୍ତ୍ର ଆଇନ, ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ୍ ସାଇକୋଟ୍ରପିକ ସବ୍‌ଷ୍ଟାନ୍ସ (ଏନ୍‌ଡିପିଏସ୍) ଆଇନ ବଳରେ ଛେହର୍ଟା ଏବଂ ଅମୃତସର କ୍ୟାଣ୍ଟନମେଣ୍ଟ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଉକ୍ତ ନେଟ୍‌ୱର୍କକୁ ଧ୍ୱଂସ କରିବା ସହ ଏହାର ପରିଚାଳକଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଛି।

## ଶ୍ୱେତାପର୍ଣ୍ଣାଙ୍କୁ ଏକଲବ୍ୟ ପୁରସ୍କାର



ଭୁବନେଶ୍ୱର, ୧୬।୧୧, ଚେତନା ମିଡ଼ିଆ : ବ୍ୟାଡମିଣ୍ଟନ ତାରକା ଶ୍ୱେତାପର୍ଣ୍ଣା ପଣ୍ଡାଙ୍କୁ ସମ୍ମାନଜନକ ଏକଲବ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଛି। ଇମ୍ପାକ୍ଟ ପକ୍ଷରୁ ୩୩ତମ ଏକଲବ୍ୟ କ୍ରୀଡ଼ା ପୁରସ୍କାର ପ୍ରଦାନ ସମାରୋହରେ ଶ୍ୱେତାପର୍ଣ୍ଣାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦରେ ତାଙ୍କୁ ୭ଲକ୍ଷ ଟଙ୍କା ସହିତ ଟ୍ରଫି ଏବଂ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସେହିପରି ଭାରୋତ୍ତୋଳକ ପ୍ରୀତସ୍ମିତା ଭୋଇ ଓ ଟେନିସ ତାରକା ଆହାନ ଉପବିଜେତା ଭାବେ ପୁରସ୍କୃତ ହୋଇଛନ୍ତି। ଉଭୟଙ୍କୁ ଦେଢ଼ ଲକ୍ଷ ଟଙ୍କା ସହିତ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## 'ଓଡ଼ିଶା-୫୦' ସ୍ୱତନ୍ତ୍ର: 'ଗ୍ରାମୀଣ ମହିଳା ସ୍ୱାବଲମ୍ବୀ ହେଲେ ସମାଜର ବିକାଶ ହେବ'



ଭୁବନେଶ୍ୱର -ଗ୍ରାମୀଣ ମହିଳାମାନେ ସ୍ୱାବଲମ୍ବୀ ହେଲେ ସମାଜର ବିକାଶ ଘଟିବ। ସେଥିପାଇଁ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ଦେବା ସହିତ ଡିଜିଟାଲ୍ ମାଧ୍ୟମରେ ଯୋଡ଼ିବା ପାଇଁ ଉଦ୍ୟମ ହେବା ଆବଶ୍ୟକ। ଏହା ଦ୍ୱାରା ସେମାନେ ସେମାନଙ୍କ ଉତ୍ପାଦକୁ ବିଶ୍ୱବ୍ୟାପୀ କରିପାରିବେ। ସମ୍ବାଦ 'ଓଡ଼ିଶା ୫୦' ଷଷ୍ଠ ସଂସ୍କରଣର ଉଦ୍‌ଯାପନୀ ଉତ୍ସବରେ 'ସମ୍ପ୍ରତି ଗ୍ରାମୀଣ ମହିଳା ଉଦ୍ୟୋଗୀ ସାମନା କରୁଥିବା ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଅତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି।କାର୍ଯ୍ୟକ୍ରମରେ ଅତିଥି ଭାବେ 'ଓର୍ମାସ'ର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ବିପିନ ବିହାରୀ ରାଉତ, ହର୍ଷା ଟ୍ରଷ୍ଟର ପ୍ରତିଷ୍ଠାତା ତଥା ମେଣ୍ଟର ବିସ୍ମୟ ମହାପାତ୍ର, 'ଶୁଭମ୍ କ୍ୟାପିଟାଲ'ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।ଏହି ଅବସରରେ 'ଓର୍ମାସ'ର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ରାଉତ ପରିଶ୍ରମ କରିବା ସହିତ ନୂତନ କୌଶଳ ପ୍ରୟୋଗ କରି ନିଜ ଉତ୍ପାଦକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପଡ଼ିବ ବୋଲି କହିଥିଲେ। ଏଥିସହିତ ଓର୍ମାସ ତରଫରୁ ବର୍ତ୍ତମାନ ଅଧିକରୁ ଅଧିକ ମହିଳାମାନଙ୍କୁ ଯୋଡ଼ିବା ସହିତ ମେଳା, ମହୋତ୍ସବରେ ବ୍ୟବସାୟ ପାଇଁ ସୁଯୋଗ ଦିଆଯାଉଛି ବୋଲି କହିଥିଲେ। 'ହର୍ଷା ଟ୍ରଷ୍ଟ'ର ବିସ୍ମୟ ମହାପାତ୍ର ନିଜ ବକ୍ତବ୍ୟରେ ମହିଳା ଉଦ୍ୟୋଗୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ମିଳିଲେ ସେମାନେ ସମାଜର ପରିବର୍ତ୍ତନ କରିପାରିବେ ବୋଲି କହିଥିଲେ। ସେ କୋରାପୁଟ ବୈପାରିଗୁଡ଼ା ବ୍ଲକ୍ର ଏକ ଗ୍ରାମର ଉଦାହରଣ ଦେଇ ଟ୍ରଷ୍ଟ ସହ ସଂଯୋଗ ହେବା ପରେ ସେଠାକାର ଆଦିବାସୀ ମହିଳାମାନେ କିଭଳି ସେମାନଙ୍କର ବାର୍ଷିକ ଆୟ ଲକ୍ଷେ ଟଙ୍କାରୁ ଉର୍ଦ୍ଧ୍ୱ କରିବା ସହିତ ଗ୍ରାମସଭା, ପଞ୍ଚାୟତ ସମିତି ଆଦିରେ ଗାଁର ବିଭିନ୍ନ ସମସ୍ୟା ଦୂର କରିବା ପାଇଁ ମଧ ସ୍ୱର ଉତ୍ତୋଳନ କରୁଛନ୍ତି ବୋଲି କହିଥିଲେ।

## କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କଲେ ଦୁଇ ହାର୍ଡକୋର ମାଓ ଦମ୍ପତି




କନ୍ଧମାଳ,୧୬।୧୧,ପବିତ୍ର ଦିଗାଳ (ଚେତନା ମିଡ଼ିଆ): ଡିବିଏଫ, ବିଏସଏଫ ଓ ସିଆରପିଏଫ ସୁରକ୍ଷାବଳର କ୍ରମାଗତ କୋମ୍ବିଙ୍ଗ ଅପରେସନ ଓ ଏନକାଉଣ୍ଟର ଚାପରେ କନ୍ଧମାଳ ଜିଲ୍ଲାର ଦୁଇ ହାଡ଼କୋର ମାଓ ଦମ୍ପତି ରବିବାର ଦିନ କନ୍ଧମାଳ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି l ସେମାନେ ହେଲେ ଉନଙ୍ଗା କଲମୁ ଏଲିଆଶ କିଶୋର ଓ ମାସେ ମାଧବି lସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର l ଆତ୍ମସମର୍ପଣ କଲେ ଛତିଶଗଡ଼ ସୁକୁମା ଜିଲ୍ଲାର ଏହି ମାଓ ଦମ୍ପତି l ଦକ୍ଷିଣାଞ୍ଚଳ ଆଇଜିପି, କନ୍ଧମାଳ ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି l ଏହି ମାଓବାଦୀ ଦମ୍ପତି ଝାଡ଼ଖଣ୍ଡ ଉତ୍ତର/ଦକ୍ଷିଣ ଠାରୁ ଛତିଶଗଡ଼ ମଧ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ କାର୍ଯ୍ୟ କରିଥାନ୍ତି l ବିଶେଷ କରି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଅଞ୍ଚଳରେ ଏମାନେ କାର୍ଯ୍ୟ କରୁଥିଲେ l ଏମାନେ ବିଜିଏନ ଡିଭିଜନ ରେ ୨୦୧୮ ରୁ କାମକରି ଆସୁଥିଲେ l ଏମାନେ ଓଡ଼ିଶା ଓ ଛତିଶଗଡ଼ ରେ ବହୁ ଅପରେସନରେ ସାମିଲ ଥିଲେ l ଏମାନେ ଏବେ ସମାଜର ମୁଖ୍ୟ ସୋତ୍ରରେ ସାମିଲ ହୋଇ ସାଧାରଣ ଜୀବନ ନିର୍ବାହ କରିବାକୁ ଚାହିଁଛନ୍ତି l ଆତ୍ମସମର୍ପଣ କରିଥିବା ମାଓବାଦୀ କହିଛନ୍ତି ଯବାନ ମାନଙ୍କ କ୍ରମାଗତ କୋବିଂଗ ଅପରେସନ ଓ କିଛି ଦିନ ଆଗରୁ ପୋଲିସ ଗୁଳିରେ ମାଓବାଦୀଙ୍କ ମୃତୁ ଓ ପୋଲିସ ସରକାରଙ୍କ ଯୋଜନା ପାଇଁ ଆମେ ଆତ୍ମସମର୍ପଣ କରିଛୁ l ଆଇଜି ଶ୍ରୀ ଶେଖର ମାଓବାଦୀ ମାନେ ନିଜକୁ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସୋତ୍ରରେ ମାମିଲ ହେବାକୁ ଆହ୍ୱାନ ଦେଇଛନ୍ତି l ଏହା ସହିତ ବହୁ ମାଓ ସାମଗ୍ରୀ ପାଙ୍ଗୁରମିଳା ଜଙ୍ଗଲରୁ ଜବତ କରିଛନ୍ତି ଯବାନ l

ଚେତନା
ସୋମବାର ୧୭ ନଭେମ୍ବର ୨୦୨୫ ବର୍ଷ - ୨୮ , ଅଙ୍କ-୧୧ , ପୃଷ୍ଠା -୦୨

## ଉତ୍ତେଜନା ପରେ ପାଟନା ଛାଡିଲେ ରୋହିଣୀ

ଯାଦବ ପରିବାର ମଧ୍ୟରେ ଉତ୍ତେଜନା ପରେ ଲାଲୁ ପ୍ରସାଦଙ୍କ ତିନି ଝିଅ ପାଟନା ଛାଡିଛନ୍ତି। ରାଗିଣୀ, ରାଜଲକ୍ଷ୍ମୀ ଏବଂ ଚନ୍ଦା ଯାଦବ ଦିଲ୍ଲୀ ଚାଲିଯାଇଛନ୍ତି। ରୋହିଣୀ ଦିଲ୍ଲୀରେ ପହଞ୍ଚି କାନ୍ଦି କାନ୍ଦି ଦଳ ଏବଂ ପରିବାର ଛାଡିଥିଲେ। ରୋହିଣୀ ଆଚାର୍ଯ୍ୟ ଦିଲ୍ଲୀରୁ ସିଙ୍ଗାପୁର ଯିବେ।ଶନିବାର ଘରୁ ବାହାରିବା ପରେ ରୋହିଣୀ ଆଚାର୍ଯ୍ୟ କହିଥିଲେ, 'ମୋର କୌଣସି ପରିବାର ନାହିଁ।ସେମାନେ ହିଁ ମୋତେ ଘରୁ ବାହାର କରିଦେଇଥିଲେ। ସଞ୍ଜୟ ଏବଂ ରମିଜଙ୍କ ନାମ ନେବା ନେବାରୁ ମୁଁ ହଇରାଣ ହେଉଛି।' ସେମାନେ ଦାୟିତ୍ୱ ନେବାକୁ ଚାହାଁନ୍ତି ନାହିଁ।ସୂଚନାଯୋଗ୍ୟ, ଲାଲୁ ପ୍ରସାଦ ଯାଦବ ପରିବାର ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ତାଙ୍କ ଝିଅ ରୋହିଣୀ ତାଙ୍କ ପରିବାରରୁ ଅସମ୍ମାନ ପାଇ ଦଳ ଛାଡିଛନ୍ତି। ଲାଲୁ ଯାଦବ ପୂର୍ବରୁ ତେଜ ପ୍ରତାପ ଯାଦବଙ୍କୁ ଦଳ ଏବଂ ପରିବାରରୁ ବହିଷ୍କାର କରିଥିଲେ। ଏବେ, ରୋହିଣୀ ଆଚାର୍ଯ୍ୟ ମଧ ପରିବାର ଏବଂ ରାଜନୀତି ଛାଡିଛନ୍ତି। ସେ ସଞ୍ଜୟ ଯାଦବ ଏବଂ ରମିଜଙ୍କ ଉପରେ ଚାପ ପକାଇ ଅଭିଯୋଗ କରିଥିଲେ। ସେ ଏକ ଏକ୍ସ-ପୋଷ୍ଟ ମାଧ୍ୟମରେ ତେଜସ୍ୱୀ ଯାଦବଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ମଧ କରିଥିଲେ।

## ୧୦୦ ଥର ଉଠ୍‌ବସ୍ ହେଲେ ଛାତ୍ରୀ, ଚାଲିଗଲା ଜୀବନ




କଠୋର ଦଣ୍ଡ ପାଇଁ ଚାଲିଗଲା ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ଜୀବନ। ୧୦୦ ଥର ବସ ଉଠ ହୋଇ ମହାରାଷ୍ଟ୍ରର ଜଣେ ୧୨ ବର୍ଷର ଛାତ୍ରୀଙ୍କ ଜୀବନ ଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ମହାରାଷ୍ଟ୍ର ପାଲଘର ଜିଲ୍ଲା ଭାସାଇର ସତୀଭାଲିରେ। ଏହାପରେ ଛାତ୍ରୀଙ୍କର ମାଆ ଶିକ୍ଷକଙ୍କ ଅମାନୁଷିକ ଦଣ୍ଡକୁ ଦୋଷାରୋପ କରିଥିବାରୁ ମାମଲାରେ ତଦନ୍ତ ଆରମ୍ଭ ହୋଇଛି।ଭାସାଇର ସତୀଭାଲିର ଶ୍ରୀ ହନୁମନ୍ତ ବିଦ୍ୟା ମନ୍ଦିର ହାଇସ୍କୁଲରେ ପଢୁଥିବା ଷଷ୍ଠ ଶ୍ରେଣୀ ଛାତ୍ରୀ କାଜଲ ଗୋଣ୍ଡ ଶିଶୁ ଦିବସ କାର୍ୟ୍ୟକ୍ରମ ଆରମ୍ଭ ହେବାର ୧୦ ମିନିଟ ବିଳମ୍ବରେ ପହଞ୍ଚିଥିଲେ। ବିଳମ୍ବରେ ପହଞ୍ଚିଥିବାରୁ ଶିକ୍ଷକ ତାଙ୍କୁ ଦଣ୍ଡିତ କରିବା ପାଇଁ ୧୦୦ ଥର ବସ ଉଠ ହେବାକୁ କହିଥିଲେ ବୋଲି ଅଭିଯୋଗ ହୋଇଛି। ବସ ଉଠ ସମାପ୍ତ କରିବାର କିଛି ସମୟ ପରେ, ସେ ତାଙ୍କ ପିଠିର ତଳ ଭାଗରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିଥିଲେ। ଘରକୁ ଫେରିବା ପରେ ପିଠିରେ ଅଧିକ ଯନ୍ତ୍ରଣା ଅନୁଭବ ହେବାରୁ ପରିବାର ଲୋକ ସଙ୍ଗେ ସଙ୍ଗେ ତାଙ୍କୁ ନିକଟରେ ଥିବା ନାଳାସୋପରା ମେଡିକାଲକୁ ନେଇଥିଲେ। ମାତ୍ର ଦେହ ଅଧିକ ଖରାପ ହେବାରୁ କାଜଲକୁ ମୁମ୍ବାଇରେ ଥିବା ଜେଜେ ମେଡିକାଲକୁ ସ୍ଥାନାନ୍ତରଣ କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସା ଚାଲିଥିବା ସମୟରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।ଭାସାଇର ଏମଏନଏସ ନେତା ସଚିନ ମୋରେ କହିଛନ୍ତି ଯେ ଝିଅଟିର ପୂର୍ବରୁ ସ୍ୱାସ୍ଥ୍ୟ ସମସ୍ୟା ଥିଲା, ତଥାପି ତାକୁ ଦଣ୍ଡ ଦିଆଯାଇଛି। ତେବେ ମୃତ ଛାତ୍ରୀ ଜଣଙ୍କୁ କେତେ ଥର ଉଠବସ କରାଯାଇଥିଲା ତାହା ସ୍ପଷ୍ଟ ହୋଇ ନାହିଁ। ତେଣୁ ଦଣ୍ଡ ଯୋଗୁ ଯେ ସିଧାସଳଖ ଛାତ୍ରୀଙ୍କରର ମୃତ୍ୟୁ ହୋଇଛି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ ବୋଲି ସ୍କୁଲର ଜଣେ ଶିକ୍ଷକ କହିଛନ୍ତି।। ବର୍ତ୍ତମାନ ଶିକ୍ଷକ ଓ ବିଦ୍ୟାଳୟ ବିରୋଧରେ କଡା ଆକ୍ସନ ନେବା ପାଇଁ ଅଭିଭାବକ ମାନେ ଦାବି କରିଛନ୍ତି।

# ଅଫିସ୍ ରମାନ୍ସରେ ଭାରତ ଆଗରେ, ରୋଚକ ସର୍ଭେ



ନୂଆଦିଲ୍ଲୀ: ଆଜିକାଲି ଆମ ସମସ୍ତଙ୍କ ଜୀବନର ବଡ଼ ଅଂଶ ଅଫିସ୍‌ରେ ହିଁ କଟିଯାଏ। ଲମ୍ବା ଘଣ୍ଟା, ଟିମ୍ ୱାର୍କ, ନିରନ୍ତର କଥାବାର୍ତ୍ତା ଏବଂ ଏକାଠି କାମ କରିବା ଯୋଗୁ ଅନେକ ଥର ରିଲେସନଶିପ୍‌ର ଦୂରତ୍ୱ କମିଯାଏ। ଏଭଳି ପରିବେଶ ଅନେକ ଥର ଲୋକଙ୍କୁ ପରସ୍ପର ନିକଟକୁ ଆଣିଦିଏ, ଏବଂ ଏହି କାରଣରୁ ଅଫିସ୍‌ରେ ରୋମାନ୍ସ ହେବା ଏବେ କୌଣସି ବଡ଼ କଥା ନୁହେଁ।ବିଶ୍ୱ ସାରା ଏହା ଉପରେ ବହୁତ ଆଲୋଚନା ହୋଇଥାଏ, କିନ୍ତୁ ଏକ ନୂଆ ଆନ୍ତର୍ଜାତୀୟ ସର୍ଭେ କହୁଛି ଯେ ଭାରତ ଏହି ମାମଲାରେ ବିଶ୍ୱର ଟପ୍ ଦେଶମାନଙ୍କ ମଧ୍ୟରେ ସାମିଲ ରହିଛି।ନିକଟରେ, ପ୍ରାଇଭେଟ୍ ଏବଂ ପର୍ସନାଲ୍ ରିଲେସନଶିପ୍ ପାଇଁ ବଡ଼ ପ୍ଲାଟଫର୍ମ Ashley Madison ଏବଂ YouGov ମିଶି ୧୧ଟି ଦେଶରେ ଏକ ବଡ଼ ଅଧ୍ୟୟନ କରିଛନ୍ତି। ଏହି ସର୍ଭେର ଫଳାଫଳ ଅଫିସ୍ ରୋମାନ୍ସ ସମ୍ପର୍କରେ ଭାରତୀୟ ଚିନ୍ତାଧାରା ଏବଂ ରୁଚି ଉପରେ ଆକର୍ଷଣୀୟ ଚିତ୍ର ଉପସ୍ଥାପନ କରିଛି।

ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ସର୍ଭେ ଅନୁଯାୟୀ, ଅଫିସ୍‌ରେ ହେଉଥିବା ରୋମାଣ୍ଟିକ୍ ରିଲେସନଶିପ୍‌ର ମାମଲାରେ ଭାରତର ସ୍ଥାନ ଦ୍ୱିତୀୟ। ତାଲିକାରେ ମେକ୍ସିକୋ ପ୍ରଥମ ସ୍ଥାନରେ ଅଛି, ଯେତେବେଳେ କି ଭାରତ ତା'ଠାରୁ କିଛି ପଛରେ ଅଛି। ଏଥିରେ ମୋଟ ୧୧ଟି ଦେଶ—ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଜର୍ମାନୀ, ଭାରତ, ଇଟାଲି, ମେକ୍ସିକୋ, ସ୍ପେନ, ସ୍ୱିଜରଲ୍ୟାଣ୍ଡ, ବ୍ରିଟେନ ଏବଂ ଆମେରିକାରେ କରାଯାଇଥିବା ଏହି ସର୍ଭେରେ ୧୩,୫୮୧ ଜଣ ପ୍ରାପ୍ତବୟସ୍କଙ୍କ ସହ କଥା ହୋଇଛି। ଚାରିଜଣରୁ ଜଣେ ଭାରତୀୟ ଅଫିସ୍‌ରେ ରିଲେସନଶିପ୍ ଗଢ଼ିଛନ୍ତି ଏହି ଟ୍ରେଣ୍ଡ ଭାରତରେ ବହୁତ ସାଧାରଣ ବୋଲି କୁହାଯାଉଛି। ସର୍ଭେ କହୁଛି ଯେ ପ୍ରତି ୧୦ ଜଣରୁ ୪ ଜଣ ଭାରତୀୟ ହେଉ ପୂର୍ବରୁ କୌଣସି ସହକର୍ମୀଙ୍କୁ ଡେଟ୍ କରିଛନ୍ତି କିମ୍ବା ବର୍ତ୍ତମାନ ଏଭଳି ରିଲେସନଶିପ୍‌ରେ ଅଛନ୍ତି। ଯେଉଁଠାରେ ମେକ୍ସିକୋର ୪୩ ପ୍ରତିଶତ ଲୋକ କହିଛନ୍ତି ଯେ ସେମାନେ କେବେ ନା କେବେ ସହକର୍ମୀଙ୍କୁ ଡେଟ୍ କରିଛନ୍ତି। ସେହିପରି ଭାରତରେ ୪୦ ପ୍ରତିଶତ, ଆମେରିକା, ବ୍ରିଟେନ, କାନାଡା ଭଳି ବିକଶିତ ଦେଶମାନଙ୍କରେ କେବଳ ୩୦ ପ୍ରତିଶତ—ଏହା ଦର୍ଶାଏ ଯେ ଭାରତରେ ଅଫିସ୍ ରୋମାନ୍ସ ପୂର୍ବରୁ ଅପେକ୍ଷା ଅଧିକ ସକ୍ରିୟ ହେଉଛି।

ପୁରୁଷ ନା ମହିଳା, କିଏ ଅଧିକ? ଅଧ୍ୟୟନ ଅନୁଯାୟୀ, ୫୧ ପ୍ରତିଶତ ପୁରୁଷ କୌଣସି ସହକର୍ମୀଙ୍କ ସହ ରୋମାଣ୍ଟିକ୍ ରିଲେସନଶିପ୍ ଗଢ଼ିବାର କଥା ସ୍ୱୀକାର କରନ୍ତି। ସେହିପରି ୩୬ ପ୍ରତିଶତ ମହିଳା ଏଭଳି କହନ୍ତି ଅର୍ଥାତ୍ ପୁରୁଷ ଏଭଳି ରିଲେସନଶିପ୍‌ରେ ପାଦ ଆଗେଇବାରେ ଅଧିକ ଆଗରେ ରହନ୍ତି। ରିଲେସନଶିପ୍ ଏବଂ କ୍ୟାରିଅରର ବାଲାନ୍ସ ନେଇ ମହିଳାଙ୍କର ଚିନ୍ତା ଅଧିକ ସ୍ପଷ୍ଟ ଦେଖାଯାଏ। ଏଥିରେ ୨୯ ପ୍ରତିଶତ ମହିଳା କହନ୍ତି ଯେ ସେମାନେ ଅଫିସ୍‌ରେ ରିଲେସନଶିପ୍ ଗଢ଼ିବାକୁ ଚାହାନ୍ତି ନାହିଁ କାରଣ ଏହା ସେମାନଙ୍କ କ୍ୟାରିଅର ଉପରେ ପ୍ରଭାବ ପକାଇପାରେ। ସେହିପରି ୨୭ ପ୍ରତିଶତ ପୁରୁଷ ଏଭଳି ମାନନ୍ତି। ଏହା ଛଡ଼ା, ୧୮ରୁ ୨୪ ବର୍ଷ ବୟସର ଯୁବ କର୍ମଚାରୀମାନେ ସବୁଠାରୁ ଅଧିକ ସତର୍କ ଦେଖାଯାଇଛନ୍ତି। ଏହି ବୟସ ଗୋଷ୍ଠୀର ୩୪ ପ୍ରତିଶତ ଯୁବକ କହିଛନ୍ତି ଯେ କ୍ୟାରିଅର ଉପରେ ପଡ଼ିପାରୁଥିବା ସମ୍ଭାବ୍ୟ ପ୍ରଭାବ ଯୋଗୁଁ ସେମାନେ ଅଫିସ୍‌ରେ ରିଲେସନଶିପ୍‌ରୁ ଦୂରତ୍ୱ ରଖନ୍ତି। ଭାରତରେ ଖୋଲା ରିଲେସନଶିପ୍ ଆଡ଼କୁ ବଢୁଥିବା ରୁଚି ଭାରତରେ ଅଫିସ୍ ରୋମାନ୍ସର ବୃଦ୍ଧି ରିଲେସନଶିପ୍‌କୁ ଦେଖିବାର ବଦଳୁଥିବା ଦୃଷ୍ଟିକୋଣ ସହ ମଧ ଜଡ଼ିତ। ଗୈର-ପାରମ୍ପରିକ ରିଲେସନଶିପ୍, ଯେମିତି ଓପନ୍ ରିଲେସନଶିପ୍ ଏବଂ ଓପନ୍ ମ୍ୟାରେଜ୍, ଏବେ ଅଧିକ ଆଲୋଚନାରେ ଅଛି। ଡେଟିଙ୍ଗ୍ ଆପ୍ Gleedenର ଏକ ସର୍ଭେରେ ପ୍ରକାଶ ପାଇଛି ଯେ ୩୫ ପ୍ରତିଶତ ଭାରତୀୟ ବର୍ତ୍ତମାନ ଓପନ୍ ରିଲେସନଶିପ୍‌ରେ ଅଛନ୍ତି।

# ଋଷ- ଆମେରିକା ମୁହାଁମୁହିଁ, ଶାନ୍ତି ଚୁକ୍ତି ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କଲେ ପୁଟିନ



ଆମେରିକା : ଗାଜା ଶାନ୍ତି ଚୁକ୍ତି ପ୍ରସ୍ତାବ ନେଇ ଋଷ-ଆମେରିକା ମୁହାଁମୁହିଁ । ଆଜି ଜାତିସଂଘ ସୁରକ୍ଷା ପରିଷଦରେ ଗାଜା ଶାନ୍ତି ଚୁକ୍ତି ନେଇ ମତଦାନ ହେବାକୁ ଯାଉଥିବା ବେଳେ ଏହାକୁ ବିରୋଧ କରିବାକୁ ଯୋଜନା କରିଛି ଋଷ । ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ହୋଇଥିବା ଗାଜା ଶାନ୍ତି ଚୁକ୍ତିର ପ୍ରସ୍ତାବଗୁଡିକୁ ବିରୋଧ କରିଛି ଋଷ । ଆନ୍ତର୍ଜାତିକ ନୀତି ଅନୁଯାୟୀ ଏହି ଶାନ୍ତି ପ୍ରସ୍ତାବ ପ୍ରସ୍ତୁତ ହୋଇନଥିବା ଋଷ କହିଛି ।ସୂଚନାନୁଯାୟୀ, ଜାତିସଂଘ ସୁରକ୍ଷା ପରିଷଦରେ ସାର୍ବଜନୀନ ଭାବେ ସ୍ୱୀକୃତ ଆନ୍ତର୍ଜାତିକ ଆଇନଗତ ପରିଧି ମଧ୍ୟରେ ଇସ୍ରାଏଲ ଓ ହମାସ ବିବାଦର ବୁଝାମଣା ହେବା ଉଚିତ ବୋଲି ଋଷ ପକ୍ଷରୁ କୁହାଯାଇଛି । ହେଲେ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ପ୍ରସ୍ତୁତ ହୋଇଥିବା ଗାଜା ଶାନ୍ତି ଚୁକ୍ତିରେ ଏସବୁ ନାହିଁ । ଗାଜା ଶାନ୍ତି ଚୁକ୍ତି ପାଇଁ ଋଷ ପ୍ରସ୍ତାବ ପ୍ରସ୍ତୁତ କରିବା ସହ ଏ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଆଲୋଚନା କରିଛନ୍ତି ଋଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନ । ନେତାନ୍ୟାହୁ - ପୁଟିନ ଆଲୋଚନା ବେଳେ ଗାଜା ସହ ମଧ୍ୟପ୍ରାଚ୍ୟ ସ୍ଥିତି, ବନ୍ଦୀ ବିନିମୟ, ଇରାନ ଆଣବିକ କାର୍ଯ୍ୟକ୍ରମ ଏବଂ ସିରିଆ ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଛି ।ଅନ୍ୟପଟେ ଇଜିପ୍ଟ, କାତାର, ଆମେରିକା ଓ ତୁର୍କୀ ମଧ୍ୟସ୍ଥତାରେ ଗତ ଅକ୍ଟୋବର ୧୦ ତାରିଖରେ ଶାନ୍ତି ଚୁକ୍ତି ସ୍ୱାକ୍ଷର ହୋଇଥିଲା । ବିଶେଷ କରି ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଗାଜା ଶାନ୍ତି ଚୁକ୍ତି ହୋଇଥିଲା । ଏଥିରେ ଇସ୍ରାଏଲୀ ବନ୍ଧକଙ୍କ ମୁକ୍ତି, ପାଲେଷ୍ଟାଇନ ଜେଲରେ ଥିବା ବନ୍ଦୀଙ୍କ ମୁକ୍ତି ପାଇଁ ସର୍ତ୍ତ ରହିଛି । ସେହିପରି ଦୀର୍ଘବର୍ଷ ଯୁଦ୍ଧବିଧ୍ୱସ୍ତ ଗାଜାରର ପୁନଃନିର୍ମାଣ ସହ ହମାସ ଆତଙ୍କୀଙ୍କୁ ବାଦ ଦେଇ ନୂଆ ସରକାର ଗଠନ ପାଇଁ ପ୍ରସ୍ତାବ ରହିଛି । ଅକ୍ଟୋବର ୯ ତାରିଖରୁ ଏହି ଚୁକ୍ତିର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକାରୀ ହୋଇଛି। ଗତ ସପ୍ତାହରେ ଟ୍ରମ୍ପଙ୍କ ୨୦ ସୂତ୍ରୀ ଗାଜା ଯୋଜନାର ଚିଠା ପ୍ରସ୍ତାବ ଉପଲବ୍ଧ ହୋଇଥିଲା । ତେବେ ଏହି ପ୍ରସ୍ତାବ ଅନୁଯାୟୀ ଗାଜାରେ ନୂଆ ସରକାର ଗଠନ ପାଇଁ ଟ୍ରମ୍ପଙ୍କ ଅଧ୍ୟକ୍ଷତାରେ ଗଠିତ ହେବାକୁ ଯାଉଥିବା କମିଟିକୁ ଋଷ ବିରୋଧ କରିଛି ।

# ୨୦ ତାରିଖରେ ଶପଥ ନେବେ ନୀତିଶ କୁମାର, ସାଧାରଣ ଲୋକଙ୍କ ପାଇଁ ବନ୍ଦ ରହିବ ଗାନ୍ଧୀ ମୈଦାନ



ବିହାର : ବିହାରର ମୁଖ୍ୟମନ୍ତ୍ରୀ ଭାବେ ୧୦ମ ଥର ଶପଥ ନେବେ ନୀତିଶ କୁମାର । ନୂଆ ଏନଡିଏ ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ପାଟନାର ଗାନ୍ଧୀ ବୈଦାନରେ ଅନୁଷ୍ଠିତ ହେବ । ଆସନ୍ତା ୨୦ତାରିଖରେ ଶପଥ ଗ୍ରହଣ ଉତ୍ସବ ହେବାକୁ ଯାଉଛି । ସେଥିପାଇଁ ୨୦ ତାରିଖ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ ଗାନ୍ଧୀ ମୈଦାନ ବନ୍ଦ ରହିବ । ଏହି ଉତ୍ସବରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସୂଚନାନୁଯାୟୀ, ବିପୁଳ ଜନାଦେଶ ପାଇଁ ଐତିହାସିକ ସ୍ଥାନରେ ଶପଥ ଗ୍ରହଣ କରିବାର ନିଷ୍ପତ୍ତି ନିଆଯାଇଛି । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଉପମୁଖ୍ୟମନ୍ତ୍ରୀ ଏବଂ କିଛି ମନୋନୀତ ମନ୍ତ୍ରୀ, ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ଏନଡିଏର ବଡ଼ ବଡ଼ ନେତାଙ୍କ ଉପସ୍ଥିତିରେ ଶପଥ ଗ୍ରହଣ କରିବେ । ଆପଣଙ୍କୁ ଜଣାଇ ରଖୁଛୁ ଯେ ୨୦୧୫ ଶପଥ ଗ୍ରହଣ ଗାନ୍ଧୀ ମୈଦାନରେ କରିଥିଲେ । ସୂଚନାଯୋଗ୍ୟ ବିଜେପି-ଜେଡିୟୁ-ଏଲଜେପି-ହାମ୍ ମେଣ୍ଟ ମୋଟ ୨୪୩ ଆସନରୁ ୨୦୨ ସିଟ୍ ହାତେଇଛନ୍ତି । ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଛି ବିଜେପି । ୧୦୧ଟି ଆସନରେ ଲଢି ବିଜେପି ଏକାକୀ ୮୯ଟି ଆସନରେ ବାଜିମାତ୍ କରିଥିବାବେଳେ ଜେଡିୟୁ ୮୫ଟି ଆସନ ପାଇଛି । ଆରଜେଡି ୨୫ ଏବଂ କଂଗ୍ରେସ ମାତ୍ର ୬ଟି ଆସନରେ ସନ୍ତୁଷ୍ଟ ହୋଇଛି । ମୋଟ୍ ୨୪୩ଟି ଆସନରୁ ଏନଡିଏ ମେଣ୍ଟ ୨୦୦ରୁ ଅଧିକ ଆସନରେ କବଜା କରିଥିବା ବେଳେ ମହାଗଠବନ୍ଧନର ଆସନ ସଂଖ୍ୟା ୪୦କୁ ହ୍ରାସ ପାଇଛି । ସମସ୍ତଙ୍କୁ ପଛରେ ପକାଇ ଏନଡିଏ ପୁଣି ବିହାରରେ ସରକାର ଗଠନ କରିବାକୁ ଯାଉଛି ।

## ଦିଲ୍ଲୀ ଯାଉଥିବା ଶ୍ରୀଧାମ ଏକ୍ସପ୍ରେସକୁ ମିଳିଲା ବୋମା ଧମକ, ଯାତ୍ରୀ ଭୟଭୀତ

ନଭେମ୍ବର ୧୧ ତାରିଖରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଘଟିଥିବା ବିସ୍ଫୋରଣ ପରେ, ସାରା ଦେଶର ସୁରକ୍ଷା ଏଜେନ୍ସିଗୁଡ଼ିକ ହାଇ ଆଲର୍ଟରେ ଅଛନ୍ତି । ଏହି ସମୟରେ, ଦିଲ୍ଲୀର ନିଜାମୁଦ୍ଦିନ ଅଭିମୁଖେ ଯାଉଥିବା ଶ୍ରୀଧାମ ଏକ୍ସପ୍ରେସରେ ଏକ ବୋମା ଧମକ ଆତଙ୍କ ସୃଷ୍ଟି କରିଥିଲା ।ଶ୍ରୀଧାମ ଏକ୍ସପ୍ରେସର ଜେନେରାଲ କୋଚରେ ବୋମା ଥିବା ନେଇ କର୍ତ୍ତୃପକ୍ଷଙ୍କୁ ଏକ ସତର୍କ ସୂଚନା ମିଳିଥିଲା, ଯାହା ଫଳରେ ଟ୍ରେନର ସମ୍ପୂର୍ଣ୍ଣ ଯାଞ୍ଚ କରାଯାଇଥିଲା ।ବୋମା ଧମକରେ ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ । କିନ୍ତୁ, ସୌଭାଗ୍ୟବଶତଃ, ଟ୍ରେନରେ କୌଣସି ବୋମା ମିଳିନଥିଲା ଏବଂ ଏହି ଧମକ ଏକ ମିଥ୍ୟା ପ୍ରମାଣିତ ହୋଇଥିଲା ।ବମ୍ ଧମକ ପାଇବା ପରେ, ଶ୍ରୀଧାମ ଏକ୍ସପ୍ରେସ ମଥୁରା ଜଙ୍କସନରେ ଅଟକିଥିଲା ଏବଂ ଏକ ବମ୍ ସ୍କ୍ୱାଡ୍ ଟ୍ରାକ୍ କୋଚଗୁଡ଼ିକୁ ଯାଞ୍ଚ କରିଥିଲା । ଭୋପାଳରେ ବୋମା ଧମକ ମିଳିଥିଲା, ଯାହା ଫଳରେ ପ୍ରତ୍ୟେକ ଷ୍ଟେସନରେ ଟ୍ରେନକୁ ଯାଞ୍ଚ କରାଯାଇଥିଲା । ଟ୍ରେନଟି ମଥୁରା ଜଙ୍କସନରେ ପହଞ୍ଚିବା ପରେ, RPF, GRP ଏବଂ ଡଗ୍ ସ୍କ୍ୱାଡ୍ ଦଳ ପୂର୍ବରୁ ନିୟୋଜିତ ହୋଇଥିଲେ ।ପ୍ଲାଟଫର୍ମ ନମ୍ବର ୨ରେ ଅଟକିବା ପରେ, ବମ୍ ସ୍କ୍ୱାଡ୍ ଜେନେରାଲ କୋଚକୁ ଖୋଜାଖୋଜି କରିଥିଲେ, କିନ୍ତୁ କୌଣସି ସନ୍ଦେହଜନକ ଜିନିଷ ପାଇ ନଥିଲେ । ଟ୍ରେନରେ କୌଣସି ବୋମା ନମିଳିବାରୁ ଯାତ୍ରୀମାନେ ମଧ ଶାନ୍ତିରେ ନିଃଶ୍ୱାସ ନେଇଥିଲେ ।

## ୨୦୦ ପ୍ରକାରର ଖାଦ୍ୟ, କୃଷିଜାତ ଏବଂ କୃଷି ସମ୍ବନ୍ଧୀୟ ଉତ୍ପାଦ ଉପରୁ ଶୁଳ୍କ ହ୍ରାସ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର କରିଛନ୍ତି ଯାହା ଗୋମାଂସ, କଫି ଏବଂ କ୍ରିପିକାଲ ଫଳ ସମେତ ଅନେକ ସାମଗ୍ରୀ ଉପରେ ଶୁଳ୍କ ଉଚ୍ଛେଦ କରିଥାଏ। ବୃଦ୍ଧି ପାଉଥିବା ମୂଲ୍ୟ ଏବଂ ମୁଦ୍ରାସ୍ଫୀତି ଦ୍ୱାରା କ୍ରମାଗତ ଭାବରେ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାହକମାନଙ୍କ ଚାପର ପ୍ରତିକ୍ରିୟାରେ ଟ୍ରମ୍ପଙ୍କ ଏହି ପଦକ୍ଷେପ ଆସିଛି। ଘରୋଇ ବଜାରରେ ମୂଲ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଟ୍ରମ୍ପ୍ ପ୍ରାୟ ୨୦୦ ପ୍ରକାରର ଖାଦ୍ୟ, କୃଷିଜାତ ଏବଂ କୃଷି ସମ୍ବନ୍ଧୀୟ ଉତ୍ପାଦ ଉପରୁ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି।ଆମେରିକା ଦ୍ୱାରା ଶୁଳ୍କ କୋହଳ କରାଯାଇଥିବା ତାଲିକାରେ ଅନେକ ଗୁରୁତ୍ୱପୂର୍ଣ୍ଣ ଭାରତୀୟ ରପ୍ତାନୀ ସାମଗ୍ରୀ ସ୍ଥାନ ପାଇଛି। ଏଥିରେ ଗୋଲମରିଚ, ଲବଙ୍ଗ, ଜୀରା, ଅଳେଇଚ, ହଳଦୀ, ଅଦା, ବିଭିନ୍ନ ପ୍ରକାରର ଚା', ଅମୃତଭଣ୍ଡା, କାଜୁ ଏବଂ ଆମ୍ବ ଭଳି ଉତ୍ପାଦ ସାମିଲ୍ ଅଛି।୨୦୨୪ରେ ଭାରତ ଆମେରିକାକୁ ୫୦୦ ମିଲିୟନ୍ ଡଲାରରୁ ଅଧିକ ମୂଲ୍ୟର ମସଲା ରପ୍ତାନି କରିଥିଲା। ପ୍ରାୟ ୫୦ଟି ପ୍ରୋସେସ୍ଡ ଫୁଡ୍ କାଟେଗୋରୀ ଏବଂ ମସଲା (୩୫୯ ମିଲିୟନ୍ ଡଲାର) ସର୍ବାଧିକ ଲାଭବାନ ହେବେ ବୋଲି ଆଶା କରାଯାଉଛି।ଜଣେ ଭାରତୀୟ ସରକାରୀ ଅଧିକାରୀ କହିଛନ୍ତି ଯେ, ଏହି ଶୁଳ୍କ ହ୍ରାସ ଭାରତୀୟ କୃଷି ରପ୍ତାନୀ ପାଇଁ ଏକ ସମାନ ସୁଯୋଗ ଆଣିଦେବ ଏବଂ ଭାରତୀୟ ଉତ୍ପାଦଗୁଡ଼ିକ ଆମେରିକା ବଜାରରେ ପ୍ରତିଯୋଗିତାମୂଳକ ସୁବିଧା ପାଇବେ। ତେବେ ଏହି ଆଶ୍ୱସ୍ତିରେ ଭାରତର କିଛି ବଡ଼ ଆୟକାରୀ କୃଷିଜାତ ଉତ୍ପାଦକୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ।ଚିଙ୍ଗୁଡ଼ି, ଅନ୍ୟାନ୍ୟ ସାମୁଦ୍ରିକ ଖାଦ୍ୟ ଏବଂ ବାସମତୀ ଚାଉଳ ଭଳି ଉଚ୍ଚ ମୂଲ୍ୟର ରପ୍ତାନୀ ଏହି ଛାଡ଼ ତାଲିକାରୁ ବାଦ୍ ପଡ଼ିଛି। ଏହା ବ୍ୟତୀତ, ଭାରତୀୟ ରତ୍ନ, ଅଳଙ୍କାର ଏବଂ ପୋଷାକ ଉପରେ ୫୦% ଶୁଳ୍କ ବଳବତ୍ତର ରହିଛି।ରାଷ୍ଟ୍ରପତି ଟ୍ରମ୍ପଙ୍କ ସରକାର କଫି, ଗୋମାଂସ, କଦଳୀ ଏବଂ କମଳା ରସ ସମେତ ୨୦୦ ରୁ ଅଧିକ ଖାଦ୍ୟ ଉତ୍ପାଦ ଉପରୁ ଶୁଳ୍କ ଉଠାଇବା ପାଇଁ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରିଛନ୍ତି।

ଚେତନା
ସୋମବାର ୧୭ ନଭେମ୍ବର ୨୦୨୫ ବର୍ଷ - ୨୮ , ଅଙ୍କ-୧୧ , ପୃଷ୍ଠା -୦୩

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ



ପାରଳାଖେମୁଣ୍ଡି,, ୧୬।୧୧, ଚେତନା ମିଡ଼ିଆ : ଗଜପତି ଜିଲ୍ଲା ସଦର ମହକୁମା ସ୍ଥିତ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରସାଶନ ପକ୍ଷରୁ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଅଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲ୍ଲାପାଳ ମଧୁମିତା ଯୋଗଦାନ କରି ନିଜ ବକ୍ତବ୍ୟରେ ଜଣାଇଥିଲେ ଯେ, ଗଜପତି ଜିଲ୍ଲାର ସମସ୍ତ ଗଣମାଧମ ପ୍ରତିନିଧି ଗଣ ଜିଲ୍ଲାର ଅପହଞ୍ଚ ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବିଭିନ୍ନ ଖବର ସଂଗ୍ରହ କରି ପ୍ରସାର ପ୍ରଚାର କରି ସମସ୍ତ କ୍ଷେତ୍ରରେ ଆଗକୁ ନେବାରେ ସଫଳ କରୁଛନ୍ତି।ଯେଉଁଭଳି ଭାବରେ ଖରା, ବର୍ଷା ଓ ଶୀତକୁ ଖାତିର୍ ନକରି ନିଜର କର୍ତ୍ତବ୍ୟ ନିଷ୍ଠା ସହିତ ଜନସାଧାରଣଙ୍କ ନିକଟଙ୍କ ନିକଟରେ ସଚେତନତାର ବାର୍ତ୍ତା ପହଞ୍ଚାଇବାରେ ଗଣମାଧମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ, ସେହିପରି ପ୍ରଶାସନକୁ ପ୍ରତି ସମୟରେ ସହଯୋଗ କରୁଥିବାରୁ ସମସ୍ତ ଗଣମାଧମ ପ୍ରତିନିଧି ମାନଙ୍କୁ ବେଶ୍ ପ୍ରଶଂସା କରିଥିଲେ । ଏହି ଉପଲକ୍ଷେ " ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧମ ବିଶ୍ୱସନୀୟତା ସଂରକ୍ଷଣ" ଶୀର୍ଷକ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସମ୍ମାନିତ ଅତିଥି ଭାବରେ ଭାବେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନ୍ନାଗା, ଗଜପତି କହିଥିଲେ ସମାଜ ବିକାଶରେ ଗଣମାଧମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ,ତୃଣମୂଳ ସ୍ତରରୁ ଲୋକଙ୍କର ବିଭିନ୍ନ ସମସ୍ୟାର ଲୋଲାଳଚନ ଆଣିବାରେ ଗଣମାଧମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି ବୋଲି ଅଭିଭାଷଣ ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଗରୁଡ଼ଧ୍ୱଜ ଚୌଧୁରୀ, ବସନ୍ତ କୁମାର ପଣ୍ଡା, ଯୋଗ ଦେଇଥିବା ବେଳେ ଡିଜେନ୍ଦ୍ର ନାଥ ପାଢ଼ୀ, ବରିଷ୍ଠ ସାମ୍ବାଦିକ ସଭା ପରିଚାଳନା କରିଥିବା ବେଳେ ରୂପେଶ କୁମାର ସାହୁ ସାମ୍ବାଦିକ ଧନ୍ୟବାଦ୍ ଅର୍ପଣ କରିଥିଲେ । ଜିଲ୍ଲାର ସମସ୍ତ ଗଣମାଧମ ପ୍ରତିନିଧିମାନେ ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ନିଜ ନିଜର ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଭାଗର ବରିଷ୍ଠ କର୍ମଚାରୀ ଅପରାନନ୍ଦ ଆନନ୍ଦ ଓ ପ୍ରଦୀପ କୁମାର ରଥ ସହଯୋଗ କରିଥିଲେ।

# ଖୋର୍ଦ୍ଧା: ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

## ସାମ୍ବାଦିକ ମାନେ ଖୋର୍ଦ୍ଧା ଜିଲ୍ଲାକୁ ଆଗକୁ ନେବା ପାଇଁ ଗୁରୁଦାୟିତ୍ୱ ନିର୍ବାହ କରୁଛନ୍ତି।






ଖୋର୍ଦ୍ଧା

**● ଖୋର୍ଦ୍ଧା** ଖୋର୍ଦ୍ଧା: ମିଥ୍ୟା ତଥ୍ୟ, ଭୁଲ ବ୍ୟାଖ୍ୟା ଓ ଭୁଲ ବୁଝାମଣା ଏଡ଼ାଯାଇ ପାରିଲେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ସମସ୍ତ ଗଣ ମାଧମ ର ବିଶ୍ୱସନୀୟତା ସୁରକ୍ଷିତ ରହିବ ବୋଲି ଆଜି ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଦିବସକୁ ଉଦ୍ଘାଟନ କରି ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି।ସେ ଆହୁରି ମଧ କହିଛନ୍ତି ସାମ୍ବାଦିକ ମାନେ ଖୋର୍ଦ୍ଧା ଜିଲ୍ଲାକୁ ଆଗକୁ ନେବା ପାଇଁ ଗୁରୁଦାୟିତ୍ୱ ନିର୍ବାହ କରୁଛନ୍ତି। ଗଣମାଧମ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ବ୍ୟବସ୍ଥା କୁ ଦିଗ ଦର୍ଶନ ଭଳି ମହାନ୍ ସେବା ନିର୍ବାହ କରୁଛି। ପଂଚାୟତ ଠାରୁ, ବ୍ଲକ୍, ଜିଲ୍ଲା, ବିଧାନସଭା , ପାର୍ଲିଆମେଣ୍ଟ ତ୍ରିସ୍ତରୀୟ ପଞ୍ଚାୟତ ରାଜ ଶାସନକୁ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ସାମ୍ବିଧାନିକ ଅନୁଛେଦ ଧାରା ୧୯କ ମତ ପ୍ରଦାନ କରିବାର ଅଧିକାର ରେ ନିଜକୁ ତର୍ଜମା କରି ଜେମେସ୍ ୱାଟ ର ଉଦାହରଣ ଦେଇ ସାମ୍ବାଦିକତା ବୃତ୍ତି କୁ ସାମ୍ବାଦିକ ମାନେ ସମ୍ମାନ ଦେଇ ପ୍ରଶାସନକୁ ସହଯୋଗ ପ୍ରଦାନ କଲେ ଖୋର୍ଦ୍ଧା ଜିଲ୍ଲାରେ ସବୁ ପଂଚାୟତରେ ଥିବା ଆବଶ୍ୟକ ଉନ୍ନତି କାର୍ଯ୍ୟ ତ୍ୱରାନ୍ୱିତ ହୋଇ ସମଗ୍ର ଭାରତ ବର୍ଷରେ ଏକ ନମ୍ବର୍ ଜିଲ୍ଲା ରେ ପରିଣତ କରିବାକୁ ଗଣମାଧମ ପ୍ରତିନିଧି ମାନେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତାବାବେ ପୂର୍ବତନ ଅଧକ୍ଷ, ବେଗୁନିଆ ମହାବିଦ୍ୟାଳୟ ଡ. ପ୍ରମୋଦ କୁମାର ଦାସ ଯୋଗଦେଇ କହିଲେ ଯେ ପ୍ରେସ ସ୍ୱାଧୀନତା କୁ ସୁରକ୍ଷା ଦେବା ଅର୍ଥ ସାମ୍ବାଦିକ ମାନଙ୍କୁ ସୁରକ୍ଷା ଦେବା। ପ୍ରେସ ସ୍ୱାଧୀନତା ପ୍ରତି ବିପଦ ବଢ଼ିଚାଲିବା ସହ ପ୍ରେସ ପରିଷଦରେ ଅଭିଯୋଗ ସଂଖ୍ୟା ବଢୁଛି। ଏଣୁ ସାମ୍ବାଦିକ ମାନେ ସ୍ୱଚ୍ଛ, ସତ୍ୟ, ନିରପେକ୍ଷ ଓ ଗଠନ ମୂଳକ ସମ୍ବାଦ ପରିବେଷଣ କଲେ ଗଣ ମାଧମ ବିଶ୍ୱସନୀୟତା ସୁରକ୍ଷିତ ରହିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ।ସମ୍ମାନିତ ଅତିଥି ଭାବେ ନିଉଜ୍ ମ୍ୟାନ ଡ. ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରାକ୍ତନ ଶିକ୍ଷା ଜିଲ୍ଲା ଅଧିକାରୀ ଭୀମସେନ ପ୍ରଧାନ, ବରିଷ୍ଠ ସାମ୍ବାଦିକ ଏବଂ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ଯୋଗଦେଇ ଜାତୀୟ ପ୍ରେସ ଦିବସ ପାଳନ ର ଉଦେଶ୍ୟ ଓ ଆଭିମୁଖ୍ୟ ଏବଂ ଗଣ ମାଧମ ର ବିଶ୍ୱସନୀୟତା ଦିଗରେ ସାମ୍ବାଦିକ ମାନଙ୍କ କି ଭୂମିକା ରହିଛି ସେ ସମ୍ବନ୍ଧରେ ଉଦବୋଧନ ଦେଇଥିଲେ।

# ସ୍ଥାନୀୟ ଟାଉନ ହଲରେ ଏହି ଚୟନ ପ୍ରକ୍ରିୟା ଜାରି ରହିଛି ।

## ଆଜି ବରଗଡ ଧନୁଯାତ୍ରାର କଂସ ଭୂମିକା ପାଇଁ ଚୟନ କରାଯିବ କଳାକାର



ଭୁବନେଶ୍ୱର, ୧୭/୧୧ : ଆଜି ବରଗଡ ଧନୁଯାତ୍ରାର କଂସ ଭୂମିକା ପାଇଁ ଚୟନ କରାଯିବ କଳାକାର । ଭିନ୍ନ ଭିନ୍ନ ଅଭିନୟ ପାଇଁ ଶନିବାର ଠାରୁ କଳାକାର ଚୟନ ପ୍ରକ୍ରିୟା ଚାଲିଛି। ଧନୁଯାତ୍ରାର ମୁଖ୍ୟ ନାୟକ ମହାରାଜ କଂସଙ୍କ ସମେତ ପାର୍ଶ୍ୱ କଳାକାର

ଦେବକୀ,ବାସୁଦେବ,ନାରଦ,ଅକ୍ରୁର, ମହାମନ୍ତ୍ରି, ସାର୍ତ୍ତକି ଆଦି ମୁଖ୍ୟ କଳାକାର ପାଇଁ ଚୟନ ପ୍ରକ୍ରିୟା ଜାରି ରହିଛି ।ଚଳିତ ବର୍ଷ କଳାକାର ଚୟନ ପ୍ରକ୍ରିୟାରେ ସର୍ବମୋଟ ୨୯୧ ଜଣ ପ୍ରାର୍ଥୀ ତାଙ୍କର ନାମାଙ୍କନ ଦାଖଲ କରିଛନ୍ତି । ସେହି ମଧରୁ କେବଳ ମହାରାଜ କଂସ ଭୂମିକା ପାଇଁ ୪୪ଜଣ ପ୍ରାର୍ଥୀ ତାଙ୍କର ନାମଙ୍କ ଭରିଛନ୍ତି । ଗତ ଦୁଇ ଦିନରେ ବିଭିନ୍ନ ଭୂମିକା ପାଇଁ ଅନେକ କଳାକାର ନିଜ କଳା ପ୍ରଦର୍ଶନ କରିଥିବା ବେଳେ ଆଜି କଂସ ଭୂମିକା ପାଇଁ ନିଜ କଳାର ପଦର୍ଶନ କରିବେ କଳାକାର । ସ୍ଥାନୀୟ ଟାଉନ ହଲରେ ଏହି ଚୟନ ପ୍ରକ୍ରିୟା ଜାରି ରହିଛି ।

# ଜିଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ, ସାମ୍ବାଦିକମାନଙ୍କୁ ପେନସନ ଦାବୀ



ଛତ୍ରପୁର ୧୬।୧୧, ଚେତନା ମିଡ଼ିଆ : ଜାତୀୟ ପ୍ରେସ ଦିବସ ଅବସରରେ ଛତ୍ରପୁର ସମ୍ମିଳନୀ କକ୍ଷରେ ଛତ୍ରପୁର ପ୍ରେସ କ୍ଲବ ଓ ଜିଲପ୍ରଶାସନ ମିଳିତ ଭାବେ ଏହି ଦିସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧମ ବିଶ୍ୱାସନୀୟତାର ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ଗଞ୍ଜାମ ଜିଲାପାଳ ଭି.କିର୍ତିଭାସନ ଯୋଗଦେଇ ଗଣମାଧମ ଜନସାଧାରଣ ଏବଂ ପ୍ରଶାସନ ମଧରେ ସଂଯୋଗ କରୁଥିବା ଏକ ସେତୁ ବୋଲି କହିବା ସହ ଭ୍ରମାତ୍ମକ ଖବର ଠାରୁ ଦୁରେଇ ରହିବା ସହ ସତ୍ୟ ଓ ନିର୍ଭିକ ଖବର ପ୍ରସାରଣ ଉପରେ ମତପୋଷଣ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥିଭାବେ ଗଞ୍ଜାମ ଜିଲା ଅତିରିକ୍ତ ଜିଲାପାଳ ଦେବଦତ ପଣ୍ଡା ଯୋଗଦେଇ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ବ ହେଉଛନ୍ତି ସାମ୍ବାଦିକ । ତେଣୁ ସେମାନେ ସମାଜରେ ବିଭିନ୍ନ ପ୍ରସଙ୍ଗରେ ସଚେତନତା ଓ ସଂସ୍କାର ଆଣିବାରେ ପ୍ରମୁଖ ଭୂମିକା ରହିଥାଏ । ଛତ୍ରପୁର ପ୍ରେସ କ୍ଲବର ସଭାପତି ସରୋଜ ସାମଲ ନିଜ ବକ୍ତବ୍ୟରେ ସତ୍ୟ ଖବର ଉପରେ ଗୁରୁତ୍ୱ ଦେଇ ମିଥ୍ୟା ଖବର ଓ ଭ୍ରମାତ୍ମକ ଖବର ଠାରୁ ଦୁରେଇ ରହିବା ସହ ସରକାର ନିକଟରେ ସାମ୍ବାଦିକ ମାନଙ୍କୁ ପେନସନ ଯୋଜନା ସମେତ ସେମାନଙ୍କ ବାପା ଓ ମା ମାନଙ୍କୁ ସ୍ୱାସ୍ଥ୍ୟ ବୀମା ସାମିଲ କରିବାକୁ ଦାବୀ କରିଥିଲେ । କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରିଣୀ ରଶ୍ମୀରାଣୀ ନିମାକ ସଂଯୋଜନା କରିଥିବା ବେଳେ ବ୍ରହ୍ମପୁର ପ୍ରେସ କ୍ଲବର ସଭାପତି ଅଶୋକ କୁମାର ବ୍ରହ୍ମା,ଗଞ୍ଜାମ ପ୍ରେସ କ୍ଲବ ସଭାପତି ଶବର ତରାଇ, ଗଞ୍ଜାମ ମିଡିଆ ହାଉସ ସଭାପତି ଦୃର୍ଗାମାଧବ ପାଣିଗ୍ରାହୀ,ବରି ସାମ୍ବାଦିକ ଭି.ରାଜେନ୍ଦ୍ର ରାଜୁ ପ୍ରମୁଖ ମଚାଂସିନ ରହି ଆଜିର ଦିବସ ଉପରେ ମତପୋଷଣ କରିଥିଲେ । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ବିଭିନ୍ନ ଅଚଂଳରୁ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ । ଛତ୍ରପୁର ପ୍ରେସ କ୍ଲବ ଉପସଭାପତି ପ୍ରଦୀପ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ |

# ଆସିକା ସାମ୍ବାଦିକ ସଙ୍ଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ



ଆସିକା :୧୬।୧୧ଚେତନା ମିଡ଼ିଆ : ଆସିକା କଳିଙ୍ଗା ରୋଡ ରେ ଥିବା ତପସ୍ୟା ଧାମ ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଆସିକା ର ଯୁବ ସାମ୍ବାଦିକ ହରିହର ପାଢ଼ୀଙ୍କର ସଂଯୋଜନା ରେ ଆସିକା ତହସିଲଦାର ସଙ୍ଗୀତା ସେନ, ହିଞ୍ଜିଳି ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀ, ଆସିକା ଓକିଲ ସଙ୍ଘ ର ସଭାପତି ଅଜିତ ଚୌଧୁରୀ, ସମ୍ପାଦକ ନାରାୟଣ ମୁନି, ରେଞ୍ଜର ପ୍ରମୋଦ କୁମାର ପଣ୍ଡା, ମାଉଣ୍ଟ ଅବୁ ରୁ ଆସିଥିବା ବ୍ରହ୍ମ କୁମାର କେଦାର ନାଥ, ଜିଲ୍ଲା ଟ୍ରାନ୍ସ ଜେଣ୍ଡର ସଭାପତି ସୁଇଟି ସାହୁ,ବରିଷ୍ଠ ସାମ୍ବାଦିକ ମନୋଜ ମୁନି,ହୃଦୟାନନ୍ଦ ଜେନା,ରତ୍ନାକର ସାହୁ,ଶିଶିର ମହାନ୍ତି, ଅଶେଷ ନାଥ ପାତ୍ର, ଧରାକୋଟ ଆୟୁଷ ଡାକ୍ତର ଶଙ୍କର ବେହେରା, ଫରେଷ୍ଟର ସୁଶାନ୍ତ କୁମାର ବେହେରା,ସୁପର ଭାଇଜର ଦୀପ୍ତି ଧୋବା, ରଂଜୁତା ସାହୁ,ତପସ୍ୟା ଧାମ ର ପରିଚାଳକ ଲିଲି ଭଉଣୀ, ରଂସ୍ମିତା ରାଉଳ,ପ୍ରମୁଖ ଉପସ୍ଥିତ ଥିଲେ । ସାମ୍ପ୍ରତିକ ପରିସ୍ଥିତି ରେ ସତ୍ୟତା, ନିର୍ଭିକତା,ସଚ୍ଚୋଟତା ସାମ୍ବାଦିକ ର ମୁଳ ମନ୍ତ୍ର ବୋଲି ଅତିଥି ମାନେ ମତ ରଖିଥିଲେ । ଏହି ଅବସର ରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତା ର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଏଥି ସହିତ ଆସିକା ବ୍ଲକ ର ପେପର ବିକ୍ରେତା ମାନଙ୍କୁ ମଧ ସଂମାନ୍ନୀତ କରାଯାଇଥିଲା । ସରକାର ଙ୍କ ବିଧିବ୍ୟବସ୍ତା ରେ ସ୍ୱାଧୀନତା ସମୟର ଆନ୍ଦୋଳନ ରୁ ମିଡ଼ିଆ ର ଭୂମିକା ଗୁରୁତ୍ୱ ରହି ଆସିଛି । ଦେଶ ସ୍ୱାଧୀନତା ପାଇଁ ହୋଇଥିବା ଜନ ଆନ୍ଦୋଳନ କୁ ବ୍ୟାପକ ଭାବରେ ପ୍ରଚାର, ପ୍ରସାର କରିବା ଦିଗରେ ମିଡ଼ିଆ ର ଭୂମିକା ଅଗ୍ରାଧିକାର ଦିଆଯାଉଛି । ଗଣତନ୍ତ୍ର ର ଚତୁର୍ଥ ସମ୍ଭ ଭାବରେ ସାମ୍ବାଦିକ ତା ଗୁରୁତ୍ୱ ହୃଦ ବୋଧ କରି ସରକାର ୧୯୬୬ ମସିହା ନଭେମ୍ବର ୧୬ ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ଏହି ଜାତୀୟ ପ୍ରେସ ଦିବସ ପାଳନ ହୋଇ ଆସୁଛି । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ସାମ୍ବାଦିକ ଯୋଗେନ୍ଦ୍ର ନାଥ ପ୍ରଧାନ,ନରେନ୍ଦ୍ର ସାହୁ, ସନ୍ତୋଷ ମିଶ୍ର,ପ୍ରଦୀପ ପାତ୍ର, ମନୋଜ ଗୌଡ଼, ଶିବ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ କୁ ବ୍ରହ୍ମ କୁମାରୀ ଭାଇ, ଭଉଣୀ ମାନେ ସହଯୋଗ କରିଥିଲେ ।

# ଚିଲିକା ପ୍ରେସ କ୍ଲବ ଦ୍ୱାରା ଜାତୀୟ ପ୍ରେସ ଦିବସ ପାଳିତ




ଚିଲିକା, ୧୬।୧୧,ଚେତନା ମିଡ଼ିଆ : ବାଲୁଗାଁ ଓ ବାଣପୁର ଅଞ୍ଚଳର ଚିଲିକା ପ୍ରେସ କ୍ଲବ ଦ୍ୱାରା ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଚିଲିକା ପ୍ରେସ କ୍ଲବ ସଭାପତି ପ୍ରକାଶ ପ୍ରଧାନ,ସମ୍ପାଦକ ଅନନ୍ତ ଚରଣ ବାରିକି ଓ ସମସ୍ତ ସଦସ୍ୟ ଉପସ୍ଥିତ ରହି ସର୍ବ ପ୍ରଥମେ ଗାନ୍ଧୀ ଛକ ଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଜାତିର ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ତାପରେ ବାଲୁଗାଁ,ମେଘାମ୍ବରୀ ଓ ବାଣପୁର ରେ ଥିବା ଜରାନିବାସରେ ଅନ୍ତେବାସୀଙ୍କୁ ଫଳବଣ୍ଟନ ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ ଏବଂ ବାଣପୁର ସରକାରୀ ଡାକ୍ତରଖାନା ଯାଇ ରୋଗୀମାନଙ୍କ ସହ ମିଶିବା ସହ ଫଳବଣ୍ଟନ କରିଥିଲେ । ଏବଂଏହା ସହ ଏକ ସଭାର ଆୟୋଜନ କରି ସାମ୍ବାଦିକଙ୍କ ପାଇଁ ସାମ୍ବାଦିକ ସୁରକ୍ଷା ବିଲ ପାସ୍ କରିବା, ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ୧୦ ଲକ୍ଷକୁ ବୃଦ୍ଧି କରିବା, ସାମ୍ବାଦିକମାନେ ସମାଜର ଜାଗ୍ରତ ପ୍ରହରୀ ଭାବେ କାମ କରୁଥିବା ଯୋଗୁଁ ଯାତାୟାତ ପାଇଁ ଟ୍ରେନ ଓ ବସରେ ରିହାତି ଦେବା, ପେନସନ ଲାଗୁ କରିବା ପ୍ରମୁଖ ଦାବୀକୁ ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା ସାମ୍ବାଦିକ ତାର ନିଜର ବୃତ୍ତିରେ ସତ୍ୟ,ନିଷ୍ଠା,ନିର୍ଭିକତା ଆଣିବା ସହିତ ସମାଜର ପ୍ରଗତି ପାଇଁ କାମ କରିବା ପାଇଁ ସଭାପତି ପ୍ରକାଶ ପ୍ରଧାନ ଆଲୋକପାତ କରିଥିଲେ ।

# ବ୍ରହ୍ମପୁର ପ୍ରେସ କ୍ଲବରେ ଜାତୀୟ ପ୍ରେସ ଦିବସ ପାଳିତ




ବ୍ରହ୍ମପୁର, ୧୬।୧୧, ଚେତନା ମିଡ଼ିଆ : ବ୍ରହ୍ମପୁର ପ୍ରେସ କ୍ଲବରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ କରି ଗଣମାଧମ ଜନ ସାଧାରଣଙ୍କ ବିଶ୍ୱାସନୀୟ ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ରହ୍ମପୁର ଉପଜିଲ୍ଲାପାଳ ଅଭିନାଶ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନର ଡିଜିଟାଲ ଯୁଗରେ ସଠିକ୍ ଖବର ପହଞ୍ଚାଇବା ସାମ୍ବାଦିକଙ୍କ ପାଇଁ ଚାଲେଞ୍ଜ ସାଜିଛି ବୋଲି ଅତିଥି କହିଥିଲେ। କ୍ଲବର ସଭାପତି ଅଶୋକ କୁମାର ବ୍ରହ୍ମା ଅଧକ୍ଷତା କରିଥିବା ବେଳେ ସମ୍ପାଦକ ପ୍ରହଲ୍ଲାଦ ସାହୁ ସ୍ୱାଗତ ଭାଷଣ ପ୍ରଦାନ, ଯୁଗ୍ମ ସମ୍ପାଦକ ଗୋପାଳକୃଷ୍ଣ ରେଡ଼ି ସଂଯୋଜନା ଓ କୋଷାଧକ୍ଷ ଶିବ ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ବହୁ ସଦସ୍ୟ ଯୋଗ ଦେବା ସହ ସାମ୍ବାଦିକତାରେ ବର୍ତ୍ତମାନ ଯୁଗରେ ଦେଖାଦେଇଥିବା ବିଭିନ୍ନ ଚାଲେଞ୍ଜ ବିଷୟରେ ଆଲୋଚନା କରିଥିଲେ ।

ଚେତନା
ସୋମବାର ୧୭ ନଭେମ୍ବର ୨୦୨୫ ବର୍ଷ - ୨୮ , ଅଙ୍କ-୧୧ , ପୃଷ୍ଠା -୦୪

## ବାହାଡା ପଦର ନୋଡାଲ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ ପାଇଁ ମନୋନୀତ



ଭଞ୍ଜନଗର,୧୬।୧୧, ଚେତନା ମିଡ଼ିଆ: ଓଡିଶା ସରକାରଙ୍କ ବିଦ୍ୟାଳୟ ସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଚଉଦବର୍ଷରୁ କମ ଲମ୍ବା ଡିଆଁ ପ୍ରତିଯୋଗିତାରେ ବାହାଡାପଦର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରୁକୁଣୀ ବିଷୋୟୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ ପଦକ ସହ ପ୍ରଥମ ସ୍ଥାନ ଅଧିକାରକରି ଜାତୀୟ ସ୍ତରକୁ ଓଡିଶାରୁ ମନୋନୀତ ହୋଇଛନ୍ତି । ଆଗାମୀ ଦିନରେ ଏହା ଝାଡ଼ଖଣ୍ଡରେ ଅନୁଷ୍ଠିତ ହେଉ ଥିବା ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ଏହି ସଫଳତା ପାଇଁ ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିଲୋଚନ ଦାସ, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଅଭିନନ୍ଦନ ସହ କୃତଜ୍ଞତା ଜଣାଇଛନ୍ତି । ଖବର ପ୍ରସାରିତ ହେବା ପରେ ଅଂଚଳରେ ଖୁସିର ଲହରୀ ଖେଳି ଯାଇଛି । ଗ୍ରାମ ବାସୀଙ୍କ ତରଫରୁ ଗୋଷ୍ଠୀ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ ଓ କ୍ରୀଡା ଶିକ୍ଷକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ରାଜ୍ୟ ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଜାତୀୟ ପ୍ରେସ ଦିବସ



ବ୍ରହ୍ମପୁର, ୧୬।୧୧, ଚେତନା ମିଡ଼ିଆ : ରାଜ୍ୟସମ୍ବାଦିକ ସଂଘ ଗଂଜାମ ଜିଲ୍ଲା ଶାଖା ତରଫରୁ ବ୍ରହ୍ମପୁର ପୁର୍ତ୍ତ ଡାକବଙ୍ଗଳା ଠାରେ ଜିଲ୍ଲା ସଭାପତି ବିଶ୍ୱନାଥ ମହାରଣାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ ଖବରକାଗଜର ଦକ୍ଷିଣାଞ୍ଚଳ ମୁଖ୍ୟ ଶିଶିର ପାଣିଗ୍ରାହୀ ଯୋଗଦେଇ ସମ୍ପ୍ରତି ପରିସ୍ଥିତିରେ ସାମ୍ବାଦିକତା କ୍ଷେତ୍ରରେ ସ୍ୱଚ୍ଛତା ପାଇଁ ସମସ୍ତେ ଏକତ୍ରିତ ହେବା ଆବଶ୍ୟକ ବୋଲି କହିଥିଲେ।ଅତିଥିଭାବେ ରାଜ୍ୟ ସମ୍ପାଦକ ହେମାଙ୍ଗ ପ୍ରସାଦ ରାଉଳ ଯୋଗଦେଇ ନିରପେକ୍ଷ ଏବଂ ନିର୍ଭିକ ସାମ୍ବାଦିକତା ଉପରେ ଆଲୋକପାତ କରିବା ସହିତ ଆଜିର ଦିବସ ଉପରେ ଆଲୋଚନା କରିଥିଲେ। ସମ୍ପାଦକ ଦିଗାମ୍ବର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସୁରଜିତ ପଣ୍ଡା, ସିଏଚ୍ ମନୋଜ କୁମାର ପାତ୍ର, ହିମାଂଶୁ ପାଢ଼ୀ, ରୂପକ ମହାନ୍ତି, ସନ୍ତୋଷ ପାଳ, ଈଶ୍ୱର ସେଠି, ଆଲୋକ ବେହେରା, କପିଳ ପାଢ଼ୀ, ପବିତ୍ର କୁମାରଙ୍କ ସମେତ ବହୁ ସଦସ୍ୟ ଯୋଗଦାନ କରି ଜାତୀୟ ପ୍ରେସ ଦିବସ ପାଳନ କରିଥିଲେ।

# ସୋମନାଥ ବିଜ୍ଞାନ ମହାବିଦ୍ୟାଳୟ ରେ ଖୋ ଖୋ ପ୍ରତିଯୋଗିତା



ଧରାକୋଟ, ୧୬।୧୧, ଚେତନା ମିଡ଼ିଆ: ଯୁକ୍ତ ୨ ଶିକ୍ଷା ପରିଷଦ ଓଡିଶା ଆନୁକୁଲ୍ୟ ରେ ମୁଣ୍ଡ ମରାଇ ସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟ ଖେଳ ପଡିଆ ରେ ଖୋ ଖୋ ପ୍ରତିଯୋଗିତା (ବାଳକ) ବିଭାଗ ଅନୁଷ୍ଠିତ ହେଇଯାଇଛି । ଏହି ପ୍ରତିଯୋଗିତା ରେ ଦକ୍ଷିଣ ଓଡିଶା ର ବିଭିନ୍ନ ଯୁକ୍ତ ୨ କଲେଜ୍ ଅଂଶ ଗ୍ରହଣ କରିଥିଲେ ।ପ୍ରତିଯୋଗିତା କୁ କଲେଜ ଅଧକ୍ଷ ଦିଗାମ୍ବର ବିଷୋୟୀ ଉଦ୍ଘାଟନ କରିଥିଲେ । ଫାଇନାଲ ମ୍ୟାଚ ଆୟୋଜକ ସୋମନାଥ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟ (ମୁଣ୍ଡମାରାଇ) ଓ ମହେନ୍ଦ୍ରଗିରି ଉଚ୍ଚ ମାଧମିକ ବିଦ୍ୟାଳୟ (ରାମଗିରି) ସହ ଖେଳା ଯାଇଥିଲା । ଉକ୍ତ ମ୍ୟାଚ ରେ ମହେନ୍ଦ୍ରଗିରି ଉଚ୍ଚ ମାଧମିକ ବିଦ୍ୟାଳୟ ଚାମ୍ପିଅନ ହୋଇଥିଲା ।ଫାଇନାଲ ମ୍ୟାଚ ରେ ମୁଖ୍ୟ ଅତିଥି ଭାବେ ଧରାକୋଟ ଅନନ୍ତ ନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟ ର ଅଧକ୍ଷ ଅକ୍ଷୟ ପଟ୍ଟନାୟକ ଯୋଗ ଦେଇ ବିଜୟ ଦଳ କୁ ଟ୍ରଫି ପ୍ରଦାନ କରିଥିଲେ ।ସମସ୍ତ ମ୍ୟାଚ କୁ ଅଫିସିଆଲ୍ ଭାବେ ଅଜୟ କୁମାର ସ୍ୱାଇଁ, ସେଶୁ କୁମାର, ମୋହନ, ଅନିଲ, ଲକ୍ଷ୍ମୀଧର ଓ କଲେଜ ପି ଇ ଟି କେ ନାନବାବୁ ଦୋର ପରିଚାଳନା କରିଥିଲେ । କ୍ରୀଡ଼ା କାର୍ଯ୍ୟକ୍ରମ କୁ କଲେଜ ର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜିଲା ସ୍ତରୀୟ ଜାତୀୟ ପ୍ରେସ ଦିବସ




**କନ୍ଧମାଳ | ଓଡିଶା**

କନ୍ଧମାଳ,୧୬।୧୧, ପବିତ୍ର ଦିଗାଳ : ଆଜି ସମଗ୍ର ଭାରତ ବର୍ଷରେ ଜାତୀୟ ପ୍ରେସ ଦିବସ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଫୁଲବାଣୀ ସ୍ଥିତ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ବାର୍ତ୍ତା '' ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମର ବିଶ୍ୱାସନୀୟତାର ସଂରକ୍ଷଣ " । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦଭୂଷଣ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥିଭାବେ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ହରିଶ ବିଶି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ବେଦଭୂଷଣ କହିଥିଲେ ଯେ ଗଣତନ୍ତ୍ରକୁ ଉଚିତ ମାର୍ଗରେ ପରିଚାଳନା କରିବା ପାଇଁ ସାମ୍ବାଦିକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ ରହିଛି ରହିବ ମଧ ଏଥି ସହିତ ଯେ କୌଣସି ଖବର ପ୍ରକାଶ ପୂର୍ବରୁ ତାହାର ସତ୍ୟତା ଜାଣିବା ନିହାତି ଆବଶ୍ୟକ । ଯଦି କୌଣସି ଘଟଣା ଘଟିବା ପୂର୍ବରୁ କିମ୍ବା ପରେ ସାମ୍ବାଦିକ ମାନେ ସୂଚନା ପାଆନ୍ତି ତାକୁ କିପରି ସମାଧାନ କରାଯିବ ତାହା ସାମ୍ବାଦିକଙ୍କ ପାଇଁ ଗୁରୁ ଦାୟିତ୍ୱ । ସେହିପରି କନ୍ଧମାଳ ଆରକ୍ଷୀ ଅଧିକ୍ଷକ କହିଥିଲେ ଯେ ସାମ୍ବାଦିକ ମାନେ ହେଉଛନ୍ତି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତେଣୁ ଖବର ପ୍ରକାଶ କରିବା ପୂର୍ବରୁ ସଠିକ ଖବର ଯେପରି ଲୋକ ଲୋଚନକୁ ଆଣିବା ତାହା ସାମ୍ବାଦିକ ମାନଙ୍କ ଗୁରୁ ଦାୟିତ୍ୱ । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ବକ୍ତା ଭାବରେ କନ୍ଧମାଳ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଡ଼ଃ ଅରୂପ କୁମାର ଜେନା ଯୋଗ ଦେଇ ସାମ୍ବାଦିକ ମାନଙ୍କର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଆଜି କିପରି ଖବର କ୍ଷିପ୍ର ବେଗରେ କୋଣ ଅନୁକୋଣରୁ କିପରି ସବୁ ଆଡେ ବ୍ୟାପି ପାରୁଛି ଏବଂ ସରକାରଙ୍କ ନିକଟରେ ପହଞ୍ଚି ପାରୁଛି ଏଥିରେ ଗଣମାଧମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟ ଦେଇଥିଲେ । ଏଥି ସହିତ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶ୍ରୀ ଅସିତ ନନ୍ଦ ଓ ତାଙ୍କ ଦଳ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର କୋଣଅନୁକୋଣରୁ ସମସ୍ତ ଗଣମାଧମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ପ୍ରଶାସକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଗଦାଧର ପାତ୍ର ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ପ୍ରେସ ଦିବସ ପାଳିତ



ଚିକିଟି, ୧୬।୧୧, ଅରୁଣ କୁମାର ପଣ୍ଡା, (ଚେତନା ମିଡ଼ିଆ): ଚିକିଟି ଓ ପାତ୍ରପୁର "ମିଳିତ ସାମ୍ବାଦିକ ସଂଘ" ପକ୍ଷରୁ ଚିକିଟି ବ୍ଲକ ସମ୍ମିଳନୀ କକ୍ଷରେ ରବିବାର ଜାତୀୟ ପ୍ରେସ ଦିବସ ଆଡମ୍ବରର ସହକାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ ଶୁଭାରମ୍ଭ କରି ସାମ୍ବାଦିକ ମାନେ ଏକତ୍ରୀତ ହେଲେ ସେମାନଙ୍କ ଦାବୀ ପୂରଣ ହୋଇପାରିବ ବୋଲି କହିବା ସହିତ ସେମାନେ ସାମ୍ବାଦିକତା ବୃତ୍ତିକୁ ନିଷ୍ଠାର ସହ କରିବା ପାଇଁ ଆହ୍ୱାନ ଦେଇଥିଲେ । ବରିଷ୍ଟ ସାମ୍ବାଦିକ ରବୀନ୍ଦ୍ର କୁମାର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୂଖ୍ୟ ବକ୍ତା ଭାବେ ବରିଷ୍ଟ ସାମ୍ବାଦିକ ରବୀ ରଥ ଯୋଗଦେଇ ଆଜିର ସାମ୍ବାଦିକତା ବିନା ସାଲିସ ରେ ସମ୍ଭବପର ହେଉନଥିବା କହିଥିଲେ । ଅତିଥି ଭାବେ ସୁଧାଂଶୁ ଫାଉଣ୍ଡେସନ ମୂଖ୍ୟ ଡ଼.ସୁଧାଂଶୁ ଶେଖର ରାଉତ ଯୋଗଦେଇ ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକତା ଏକ ଚ୍ୟାଲେଞ୍ଜ ବୋଲି କହିବା ସହିତ ସାମ୍ବାଦିକଙ୍କ ସଂଘର୍ଷ କଥା କହିଥିଲେ । ସମ୍ମାନୀୟ ଅତିଥି ଭାବେ ଚିକିଟି ବିଡ଼ିଓ ବିବେକାନନ୍ଦ ମିଶ୍ର ,କେ ନୂଆଗାଁ ଥାନା ଅଧକାରୀ କିଶୋର କୁମାର ସାମଲ ଓ ବିଛିନ୍ନାଞ୍ଚଳ ଓଡ଼ିଆ ସମାଜ ସଭାପତି ସତ୍ୟନାରାୟଣ ପାଢ଼ୀ ଯୋଗଦେଇ ସାମ୍ବାଦିକ ମାନେ ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିବାରୁ ସେମାନେ ପ୍ରଶଂସାର ପାତ୍ର ବୋଲି କହିଥିଲେ । ମିଳିତ ସାମ୍ବାଦିକ ସଂଘର ସମ୍ପାଦକ ରାଜ ଗୋପାଳ ପାଢ଼ୀ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଏହି ଅବସରରେ ଜିଲ୍ଲାର ବଛା ବଛା ସାମ୍ବାଦିକ ଓ ଅଂଚଳର ବୁଦ୍ଧିଜବୀଙ୍କ ଏକ ଆଲୋଚନା ଚକ୍ର "ସାମ୍ବାଦିକତା-ବୃତ୍ତି କମ, ସେବା ବେଶୀ" ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ପାତ୍ରପୁର ଚିକିଟି, ଦିଗପହଣ୍ଡି, ସାନଖେମୁଣ୍ଡି, ରଙ୍ଗେଇଲୁଣ୍ଡା ଓ ଇଛାପୁର ର ସାମ୍ବାଦିକ ମାନେ ଯୋଗ ଦେଇ ଥିଲେ ।କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଅର୍ଜୁନ ପଣ୍ଡା,ନାରାୟଣ ମହାଙ୍କୁଡ଼, ଗୋପାଳ ପଟ୍ଟନାୟକ, ସୁଦର୍ଶନ ରାଉଳ,ରାଜୀବ ଲୋଚନ ପାଣିଗ୍ରାହୀ, ସରୋଜ ପଣ୍ଡା,ଅନିଲ ପାତ୍ର, ଗୀତାଞ୍ଜଳି ପଟ୍ଟନାୟକ, ଅରୁଣ ପଣ୍ଡା,ସୁଦୀପ୍ତ କୁମାର ପଟ୍ଟନାୟକ, ହରିଶ୍ଚନ୍ଦ୍ର ସାହୁ ପ୍ରମୁଖଙ୍କ ସହ ବହୁ ସାମ୍ବାଦିକ,ବୁଦ୍ଧିଜୀବୀ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଲୋଚନା ରେ ଭାଗ ନେଇଥିଲେ । ଏହି ଅବସରରେ ରବି ରଥ,ଡ଼. ସୁଧାଂଶୁ ରାଉତ,ରବି ମିଶ୍ର,ରବୀନ୍ଦ୍ର ନାଥ ଡାକୁଆ, କାଳୁ ଚରଣ ନାହାକ,ସତ୍ୟ ନାରାୟଣ ପାଢ଼ୀଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସହ ଆଗନ୍ତୁକ ବରିଷ୍ଠ ନାଗରିକ ଓ ସମସ୍ତ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ରଞ୍ଜନ ବ୍ରହ୍ମା ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ବହୁ ଛାତ୍ର ଛାତ୍ରୀ ଜାତୀୟ ପ୍ରେସ ଦିବସ ଉପରେ ଭସାଣି ଦେଇ ମାନପତ୍ର ସହ ପୁରସ୍କୃତ ହୋଇଥିଲେ।କାର୍ଯ୍ୟକ୍ରମ ରେ ଚିକିଟି ବ୍ଲକ କର୍ମଚାରୀ ବିଶେଷ ସହଯୋଗ କରିଥିଲେ ।




## ଆସିକାରେ ସାଇବର ସୁରକ୍ଷା ଅଭିଯାନ

ଆସିକା,୧୬।୧୧, ଚେତନା ମିଡ଼ିଆ: ଗଞ୍ଜାମ ଜିଲ୍ଲା ପୋଲିସ ଅରକ୍ଷୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଉପଖଣ୍ଡ ଆରାକ୍ଷୀ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଅଶୋକ ସିନେମା ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମ ରେ ଆସିକା ଆରାକ୍ଷୀ ଅଧିକାରୀ ସନ୍ତୋଷ କୁମାର ଜେନା ଙ୍କ ପ୍ରତୋକ୍ଷ ତତ୍ତ୍ୱାବଧାନରେ ପିଲ୍ଲ ଇଣ୍ଡଷ୍ଟ୍ରି ର ପୁନମ ମିଶ୍ର ଅତିରିକ୍ତ ଆରକ୍ଷୀ ଅଧିକାରୀ ସୀମା ସ୍ୱାଇଁ,ବ୍ୟାଙ୍କ ର ପରିଚାଳକ କାଳୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ଥାନା ଅଧିକାରୀ ସାଇବର ଠକେଇ କଣ ଓ କିପରି ହୁଏ ତାହା ଉପରେ ଆଲୋଚନା କରିଥିଲେ । ସାଇବର ଠକେଇ ଠାରୁ ନିଜକୁ କିପରି ଦୂରେଇ ରଖିବେ ଏବଂ ନିଜର ସଞ୍ଚିତ ଅର୍ଥର ସୁରକ୍ଷା କିପରି କରିବା ନେଇ ବିସ୍ତୃତ ଭାବେ ବୁଝାଇଥିଲେ । ଯଦି ସାଇବର ଠକାମି ର ଶିକାର ହେଲେ ତୁରନ୍ତ ଟୋଲ ଫ୍ରି ନମ୍ବର ୧୦୪୫ କିମ୍ବା ୧୯୩୦ ନଂ ରେ ତୁରନ୍ତ ଜଣାଇବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାସହ ଅଜ୍ଞାତ ଲୋକଙ୍କ ସହ ଓଟିପି ନଂ ସେୟାର ନକରିବା,ଆଧାର ନଂ,ବ୍ୟାଙ୍କ୍ ଆକାଉଣ୍ଟ ନଂ,ଏଟିଏମ ପିନ ନଂ ଏବଂ ଆର୍ଥିକ କାରବାରରେ ଗୋପନୀୟତା ରଖିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଆସିକା ଥାନା ଅଧିକାରୀ କୂଳମଣି ସେଠୀ, କୋଟି ନଡା ଥାନା ଅଧିକାରୀ ଦାମୋଦର ବିହାରୀ ସମେତ ବହୁ ପୋଲିସ ଅଧିକାରୀ ଓ ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ ।

## କଟଡି ସରକାରୀ ଆଶ୍ରମ ବିଦ୍ୟାଳୟରେ ବିର୍ସାମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ପାଳନ



ଟିକାବାଲି,୧୬।୨୫ଚେତନା ମିଡ଼ିଆ : କନ୍ଧମାଳ ଜିଲା ଟିକାବାଲି ବ୍ଲକ ଗାର୍ଡିଙ୍ଗିଆ ପଞ୍ଚାୟତ ର କଟଡି ସରକାରୀ ଆଶ୍ରମ ବିଦ୍ୟାଳୟ ଠାରେ ବିର୍ସା ମୁଣ୍ଡା ଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳନ ତଥା ଜନଜାତୀୟ ଗୌରବ ଦିବସ ଅବସରରେ ' ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିସଭା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ ବେହେରା ଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ସି ଆର ସିସି ଉମେଶ କୁମାର ଦିଗାଲ, ସମ୍ମାନିତ ଅତିଥି ଭାବେ ମାନେଶ୍ୱର ପ୍ରଧାନ , ସହକାରୀ ଶିକ୍ଷକ ସନତ କୁମାର ନାୟକ, ଲିଟୁ କୁମାର ବେହେରା, ସାମ୍ବାଦିକ ବାଳକୃଷ୍ଣ କହଁର,ପୂର୍ବତନ ସରପଞ୍ଚ ସଂଗ୍ରାମ ସିଂହ ପ୍ରଧାନ, ବକ୍ତା ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ ପ୍ରଧାନ, ୱାଡ ମେମ୍ବର ଅମ୍ବିକା ପ୍ରଧାନ ଉପସ୍ଥିତ ରହିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ଅଭିଭାବକ ମାନଙ୍କୁ ଛାତ୍ରଛାତ୍ରୀ ମାନଙ୍କର ଆସୁଥିବା ସରକାରୀ ସୁବିଧା ଓ ବିଭିନ୍ନ ଯୋଜନା ଠିକ୍ ଭାବରେ ପାଇ ପାରୁଛନ୍ତି କି ନାହିଁ ସେହି ବିଷୟରେ ଅବଗତ କରାଇଥିଲେ । ଅନୁଷ୍ଠାନରେ ପିଲାଙ୍କ ଶୈକ୍ଷିକ ଅଗ୍ରଗତି ସହ କିଭଳି ଭାବରେ ସ୍କୁଲ ଅଧିକରୁ ଅଧିକ ଉନ୍ନତି ହୋଇପାରିବ ତାହାରି ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଟଡି, ଗିରୁଟି ତଥା ଅଭିଭାବକ ମାନେ ଉପସ୍ଥିତ ରହିଥିଲେ। ଶେଷରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣ ପତ୍ର ସହ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଜପତି ଜିଲ୍ଲା ଗସ୍ତରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ



ପାରଳାଖେମୁଣ୍ଡି,୧୬।୧୧, ଚେତନା ମିଡ଼ିଆ : ଉଚ୍ଚ ଶିକ୍ଷା , କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଜି ଗଜପତି ଜିଲ୍ଲା ଗସ୍ତ କରିଛନ୍ତି । ଏହି ଗସ୍ତଟି ମନ୍ତ୍ରୀଙ୍କ ବ୍ୟକ୍ତିଗତ ରହିଥିବା ବେଳେ ଜିଲ୍ଲାର ବିଜେପି କର୍ମୀ ମାନେ ପାରଳାଖେମୁଣ୍ଡି ଠାରୁ ମୋହନା ଯାଏ ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ କରିଛନ୍ତି। ସେହିଭଳି ରାୟଗଡ ବ୍ଲକର ଆରମ୍ଭରୁ ଶତାଧିକ ବିଜେପି କର୍ମୀ ବଡ଼ଗାଁ ନିକଟରେ ସ୍ୱାଗତ କରିଥିଲେ। ପରେ ମନ୍ତ୍ରୀ ଗଣ୍ଡାହାଟି ଜଳ ପ୍ରପାତକୁ ଯାଇ ଜଳ ପ୍ରପାତକୁ ବୁଲି ଦେଖି ଥିଲେ। ଜଳ ପ୍ରପାତକୁ ଦୈନିକ କେତେ ଲୋକ ଆସୁଛନ୍ତି, ଲୋକଙ୍କ ପାଇଁ କଣ ସୁବିଧା ରହିଛି ଓ କଣ କଣ ସମସ୍ୟା ରହିଛି,କଣ ଆବଶ୍ୟକ ରହିଛି ସେନେଇ ଉପ ଜିଲ୍ଲାପାଳ ଅନୁପ ପଣ୍ଡା, ରାୟଗଡ ବିଡ଼ିଓ ସନ୍ତୋଷ କୁମାର ବାରିକ ଓ ଗଣ୍ଡାହାଟି ଦାୟିତ୍ୱରେ ଥିବା ମହେନ୍ଦ୍ର ବନାଞ୍ଚଳ ଅଧିକାରୀ ଅମିତ ସୁଭ୍ରଜିତଙ୍କ ସହ ଆଲୋଚନା କରିଥଲେ । ଗଣ୍ଡହାଟି ପ୍ରାକୃତିକ ସୌନ୍ଦର୍ଯ୍ୟ ରେ ପରିପୂର୍ଣ୍ଣ ଥିବା ବେଳେ ଏହା ସମସ୍ତଙ୍କୁ ଆକୃଷ୍ଟ କରୁଛି । ପର୍ଯ୍ୟଟକ ମାନଙ୍କ ସୁବିଧା ପାଇଁ ଯାହା ସବୁ ଆନୁଷଙ୍ଗିକ ସୁବିଧା ଆବଶ୍ୟକ ରହିଛି ତାକୁ କରିବା ସହିତ ବିଭିନ୍ନ ପ୍ରକାର ସୁବିଧା ପାଇଁ ସରକାର ଇତି ମଧରେ ଘୋଷଣା କରିଛନ୍ତି , ଶେଠୀ ନିମନ୍ତେ ଡିପିଆର୍ ମଧ ପ୍ରସ୍ତୁତ ଶେଷ ପର୍ଯ୍ୟାୟରେ ରହିଛି। ନିଶ୍ଚିତ ଭାବରେ ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ସମସ୍ତ ପର୍ଯ୍ୟଟକ ଏଠାକାର ସୋନ୍ଦର୍ଯ୍ୟର ଭରପୁର ଉପଭୋଗ କରନ୍ତୁ ବୋଲି କହିଥିଲେ ।

ଚେତନା
ସୋମବାର ୧୭ ନଭେମ୍ବର ୨୦୨୫ ବର୍ଷ - ୨୮ , ଅଙ୍କ-୧୧ , ପୃଷ୍ଠା -୦୫

# ସମ୍ପାଦକଙ୍କ କଲମରୁ... ✍

## ସାମ୍ବାଦିକତା ବନ୍ଧା ପଡିଛି.

ସାମ୍ବାଦିକତା ବନ୍ଧା ପଡିଛି..... ବିଭିନ୍ନ ସ୍ମାରକୀ ଦିବସ ଭଳି ଜାତୀୟ ଗଣମାଧ୍ୟମ ଦିବସ ମହା ଆଡମ୍ବର ରେ ପାଳିତ ହୋଇଛି। ପୂର୍ବ ବର୍ଷ ବି ଆଜିର ଦିନରେ ସାମ୍ବାଦିକ ମାନେ ସମ୍ପୃକ୍ତ ଅଂଚଳର ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିଙ୍କ ସହଯୋଗୀତାରେ ପାଳନ କରିଥିଲେ, କିନ୍ତୁ ସଂଖ୍ୟା ସୀମିତ ଥିଲା। ଅଥଚ ଚଳିତ ବର୍ଷ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାର କୋଣେ ଅନୁକୋଣେ ଏହି ଦିବସ ପାଳିତ ହୋଇଛି। ଏହା ନିଶ୍ଚିତ ରୂପେ ଗଣମାଧ୍ୟମର ଶକ୍ତି ପ୍ରଦର୍ଶନ କହିଲେ ଅତ୍ୟୁକ୍ତି ହେବ ନାହିଁ। ସେ ଯାହା ହେଉ ଏଭଳି କାର୍ଯ୍ୟକ୍ରମ ଗଣମାଧ୍ୟମ ପାଇଁ ଶୁଭଙ୍କର। ଗଣମାଧ୍ୟମ ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ ନାନାବିଧ ସମସ୍ୟାର ସମ୍ମୁଖୀନ। ବିଭିନ୍ନ ସମୟରେ ଗଣମାଧ୍ୟମ ଭିନ ଭିନ ଗୋଷ୍ଟିର ଆକ୍ରୋଶର ଶିକାର। ଅଥଚ ଅନ୍ୟ ରାଜ୍ୟରେ ଉପଲବ୍ଧ ସାମ୍ବାଦିକ ସୁରକ୍ଷା ଆଇନ ଓଡିଶା ରେ କାର୍ଯ୍ୟକାରୀ ହୋଇପାରିନି। ସେହିପରି ବୀମା, ଯାତାୟାତରେ ରିହାତି, ଅବସର କାଳୀନ ଭତ୍ତା, ଚିକିତ୍ସା ସୁବିଧା ପ୍ରମୁଖରୁ ରାଜ୍ୟ ସାମ୍ବାଦିକ ବଞ୍ଚିତ। ତା ମାନେ ନୁହେଁଯେ ଏହି ଆବଶ୍ୟକତା ପାଇଁ ଦାବି ହୋଇନି। ବରଂ ଗତ ତିନି ଦଶନ୍ଧିରୁ ଉର୍ଦ୍ଧ ସମୟ ହେଲା ଗଣମାଧମର ବିଭିନ୍ନ ସଂଗଠନ ପକ୍ଷରୁ ଅହରହ ଉଦ୍ୟମ ଚାଲିଛି ତଥା କିଛି ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଆଉ ଯାତାୟାତରେ ରିହାତିର ସୁଯୋଗ ପାଇଛନ୍ତି। କିନ୍ତୁ ସଂଖ୍ୟାଧିକ ଏହି ସେବା ବା ସୁଯୋଗରୁ ବଂଚିତ। ଏହାର ମୁଖ୍ୟ କାରଣ ସାମ୍ବାଦିକ ସ୍ତରରେ ବର୍ଗିକରଣ। ପୂର୍ବରୁ ସାମ୍ବାଦିକତା ଜନସେବା ଥିଲା ତାହା ଅଧୁନା ବୃତ୍ତି ରେ ପରିଣତ। ବହୁ ଯୁବକଯୁବତୀ ଏହି ପେଶା ପାଇଁ ଆଗ୍ରହୀ, ତଥା ସାମ୍ବାଦିକତା ଶିକ୍ଷା ଗ୍ରହଣ ପାଇଁ ଯଥେଷ୍ଟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି।ଅବଶ୍ୟ ସେଠାରେ ଶିକ୍ଷାଦାନର ମାନ ତଥା ଶିକ୍ଷାର୍ଥୀଙ୍କ ଆଗ୍ରହ ଆଶାନୁଯାଇ ହୋଇପାରୁନାହିଁ। ଅନ୍ୟପକ୍ଷରେ ମାରୁ ମାରୁ ମହାପାତ୍ର ନୀତିରେ ସାମ୍ବାଦିକ ପ୍ରସ୍ତୁତ।ଅବଶ୍ୟ ଏଭଳି ସାମ୍ବାଦିକ ଙ୍କ ସଂଖ୍ୟା ସୋସିଆଲ ମିଡ଼ିଆ ରେ ଅଧିକ। ଅଧୁନା ସମ୍ବାଦ ପରିବେଷଣରେ ଆଗୁଆ ରହିବା ପାଇଁ ପ୍ରତିଯୋଗିତା ଚାଲିଛି, ଫଳତଃ ଘଟଣାର ସତ୍ୟାସତ୍ୟ ବୁଝିବା ପରିବର୍ତ୍ତେ ଆଖିବୁଜା ଖବର ପୋଷ୍ଟ କରାଯାଉଛି, କିନ୍ତୁ ପ୍ରତିବାଦ ବା ପ୍ରତିକାର ନାହିଁ।ଫଳତଃ ସାଧାରଣରେ ଏଭଳି ତରବରିଆ ଖବର ଗ୍ରହଣୀୟ ହୋଇପାରୁନି। ସାମ୍ବାଦିକତାର ମୂଳମନ୍ତ୍ର ହେଲା ଜନସାଧାରଣଙ୍କ ସମସ୍ୟା କୁ ସରକାର ପାଖରେ ଉପସ୍ଥାପନା ଓ ସମାଧାନରେ ସହାୟତା। ସେଥିପାଇଁ ବିଭିନ୍ନ ବିଭାଗରେ ଲୋକ ସମ୍ପର୍କ ରହିଛି ଏବଂ ନିୟମାନୁଯାୟୀ ସମ୍ପୃକ୍ତ ଅଧିକାରୀ ମାନେ ନିଜ ଅଂଚଳର ପ୍ରକାଶିତ ଖବରକୁ ନିଜ ଅଧିକାରୀଙ୍କୁ ଅବଗତ କରାଇ ସମାଧାନ କରିବା କଥା। କିନ୍ତୁ ସେଭଳି କାର୍ଯ୍ୟକ୍ରମ ଆଉ ହେଉନାହିଁ।ଫଳତଃ ସମସ୍ୟା ସବୁ ସମାଧିତ ହୋଇପାରୁନି।ଏପରିକି ପୂର୍ବରୁ ସରକାରୀ ଯୋଜନାର ପ୍ରଚାର ପ୍ରସାରରେ ଗଣମାଧମ ପ୍ରମୁଖ ଭୂମିକା ନେଉଥିଲେ, କିନ୍ତୁ ପ୍ରଶାସନ ସମେତ ବିଭିନ୍ନ ବିଭାଗ ଅଧୁନା ଏକ୍ସ ବା ଫେସବୂକ ର ସହାୟତା ନେଉଛନ୍ତି, ଏବଂ ତଥ୍ୟ ଗୁଡିକ ଅସମ୍ପୂର୍ଣ ରହୁଛି। କିନ୍ତୁ ସେଥିପ୍ରତି କାହାରି ଦୃଷ୍ଟି ନାହିଁ। କେବଳ ନିଜ ଦାଇତ୍ୱ ସରାଇବା ନୀତି ଆପଣାଯାଉଛି। ଏଭଳି ପରିସ୍ଥିତି ରେ ସାମ୍ବାଦିକର ଭୂମିକା ଅତ୍ୟନ୍ତ ଗୌଣ୍ୟ ଯେ ହେଉଛି ତାହା ବାରମ୍ବାର ପ୍ରମାଣିତ। ପୂର୍ବରୁ ଜିଲ୍ଲା ବା ବ୍ଲକ ସ୍ତରରେ ସମ୍ପୃକ୍ତ ଅଂଚଳର ଅଧିକାରୀ ମାନେ ନିଜ ବିଭାଗୀୟ ତଥ୍ୟ ସାମ୍ବାଦିକ କୁ ଦେଉଥିଲେ ଏବଂ ସାମ୍ବାଦିକ ମାନେ ସେଥିରେ ଆବଶ୍ୟକ ତଥ୍ୟ ଯୋଡି ଖବର ପରିବେଷଣ କରୁଥିଲେ। କିନ୍ତୁ ସେ ବ୍ୟବସ୍ତା ବର୍ତମାନ ବିଭିନ୍ନ ମନ୍ତ୍ରାଳୟ ଦ୍ୱାରା ପରିବେଷିତ ତଥା ଗଣମାଧମର ଅଧିକାରୀ ମାନେ ସେହି ପରିବେଷିତ ତଥ୍ୟକୁ ହିଁ ସ୍ଥାନ ଦେଇଥାନ୍ତି। ଯଦିଓ ଏହା ସାମ୍ବାଦିକର ଅସହାୟତା ପ୍ରମାଣିତ କରେ ତଥା ଜନସାଧାରଣ ପ୍ରକୃତ ତଥ୍ୟରୁ ବଂଚିତ ହେଉଛନ୍ତି। ପୂର୍ବରୁ ସମୟ ଅସମୟରେ ସରକାରଙ୍କ ପକ୍ଷରୁ ଘୋଷିତ ରୂପେ କାଣ୍ଟଛାଣ୍ଟ କରାଯାଉଥିଲା ତାହା ଅଘୋଷିତ ରୂପେ ଚାଲିଛି।ଏହାର ପ୍ରତିବାଦ ସାମ୍ବାଦିକ ବାପୁଡ଼ା କରିବା ଅସମ୍ଭବ। ଏଭଳି ପରିସ୍ଥିତି କୁ ତର୍ଜମା କଲେ ସାମ୍ବାଦିକତା ବନ୍ଧା ପଡିଛି ନା ନୁହେଁ ତାହାର ବିଚାର ଜନସାଧାରଣ କରିବା ଦରକାର...

# ଶ୍ରୀମଦ୍ ଭଗବଦ୍ ଗୀତା

।

ଓଁ ଶ୍ରୀ ପରମାତ୍ମନେ ନମଃ ।।
ଅଥ ଶ୍ରୀମଦ୍ ଭଗବଦ୍ ଗୀତା।।

ନିମିତ୍ତାନି ଚ ପଶ୍ୟାମି ବିପରୀତାନି କେଶବ ।
ନ ଚ ଶ୍ରେୟୋଽନୁପଶ୍ୟାମି ହତ୍ୱା ସ୍ୱଜନମାହବେ ।।୧-୩୧।।

ନ କାଂକ୍ଷେ ବିଜୟଂ କୃଷ୍ଣ ନ ଚ ରାଜ୍ୟଂ ସୁଖାନି ଚ ।
କିଂ ନୋ ରାଜ୍ୟେନ ଗୋବିନ୍ଦ କିଂ ଭୋଗୈର୍ଜୀବିତେନ ବା ।।
୧-୩୨।।

ୟେଷାମର୍ଥେ କାଂକ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ ।
ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ ।।୧-୩୩।।

ଆଚାର୍ଯ୍ୟାଃ ପିତରଃ ପୁତ୍ରାସ୍ତଥୈବ ଚ ପିତାମହାଃ ।
ମାତୁଲାଃ ଶ୍ୱଶୁରାଃ ପୌତ୍ରାଃ ଶ୍ୟାଲାଃ ସମ୍ବନ୍ଧିନସ୍ତଥା ।।୧-୩୪।।

ଏତାନ୍ନ ହନ୍ତୁମିଚ୍ଛାମି ଘ୍ନତୋଽପି ମଧୁସୂଦନ ।
ଅପି ତ୍ରୈଲୋକ୍ୟରାଜ୍ୟସ୍ୟ ହେତୋଃ କିଂ ନୁ ମହୀକୃତେ ।।
୧-୩୫।।

# ପାତ୍ର ଥିଲେ ସିନା

ବିହାର ବିଧାନସଭା ନିର୍ବାଚନ ଫଳ ଭାରତୀୟ ରାଜନୈତିକ ଇତିହାସ ପାଇଁ ଏକ ନୂଆ ପାଣ୍ଡୁଲିପି ଲେଖିଛି। ଦୁଇ ଦଶନ୍ଧି ଧରି ମୁଖ୍ୟମନ୍ତ୍ରୀ ରହିଥିବା ନୀତିଶ କୁମାର ଓ କ୍ଷମତା ରାଜନୀତିରେ ସହଯୋଗୀ ଭାଜପା ସରକାରୀ ବିରୋଧୀ ପବନର ସମ୍ମୁଖୀନ ହୋଇପାରନ୍ତି ବୋଲି ଭୋଟ ଗ୍ରହଣ ପୂର୍ବରୁ ଆଲୋଚନା ହେଉଥିଲା। ତେବେ ଏକ୍‌ଜିଟ ପୋଲ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ଅଧିକ ସିଟ୍ ମିଳିବ ବୋଲି ଆକଳନ କରିଥିବା ବେଳେ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି), କଂଗ୍ରେସ ସହ ମିଶି ସୃଷ୍ଟି ହୋଇଥିବା ମହାଗଠବନ୍ଧନ ଦ୍ୱିତୀୟ ସ୍ଥାନରେ ରହିବ ବୋଲି ଅନୁମାନ ଲଗାଯାଇଥିଲା। ହେଲେ ୧୪ ନଭେମ୍ବରରେ ପ୍ରକାଶିତ ଫଳାଫଳ ଆଶଙ୍କା କିମ୍ବା ସମ୍ଭାବନା ଆଦି ସୀମା ଅତିକ୍ରମ କରି ଏନ୍‌ଡିଏକୁ ବିପୁଳ ବିଜୟ ଦେଇଦେଲା। ଫଳ ଦେଖି ଏନ୍‌ଡିଏ ନେତା ମଧ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ୨୪୩ ଆସନ ମଧ୍ୟରୁ ୨୦୨ ଆସନ ଜିତି ଏନ୍‌ଡିଏ ଯେଉଁ ଅପ୍ରତ୍ୟାଶିତ ବିଜୟ ହାସଲ କଲା ସେଥିରେ ଭାଜପା ୮୯ ଆସନ ପାଇ ଆଗରେ ଥିବା ବେଳେ ଜେଡିୟୁ ୮୫ ସିଟ୍ ଜିଣି ତା' ପାଖାପାଖି ରହିଲା। ଉଲ୍ଲେଖଯୋଗ୍ୟ ଯେ, ଉଭୟ ଦଳ ସମାନ ସଂଖ୍ୟକ ୧୦୧ ଆସନରେ ଲଢ଼ିଥିଲେ। ନିର୍ବାଚନ ଆରମ୍ଭ ବେଳୁ ନିଜକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିଥିବା ଆର୍‌ଜେଡିର ତେଜସ୍ୱୀ ଯାଦବ ଅତି କଷ୍ଟରେ ନିଜ ଆସନ ବଞ୍ଚାଇପାରିଥିବା ବେଳେ ଦଳ ପାଇଁ ମାତ୍ର ୨୫ ସିଟ୍ ଗୋଟାଇବାରେ ସକ୍ଷମ ହେଲେ। ସହଯୋଗୀ କଂଗ୍ରେସ ଭାଗରେ ପଡ଼ିଲା କେବଳ ୬। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିରୋଧୀମାନେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍), ଇଭିଏମ୍ ଜାଲିଆତି ଓ ସର୍ବୋପରି ନିର୍ବାଚନ କମିଶନଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଆଗକୁ ବିରୋଧୀ ଆହୁରି କେତେ ଅଭିଯୋଗ ଆଣିପାରନ୍ତି। କିନ୍ତୁ ସାଧାରଣରେ କୁହାଯାଇଥାଏ-ଯିଏ ଜିତିଲେ ସିଏ ସମ୍ରାଟ।

ହିନ୍ଦୀ ଭାଷୀ ଅଞ୍ଚଳ ବିଶେଷକରି ବିହାର ଓ ଉତ୍ତର ପ୍ରଦେଶର ଭୌଗୋଳିକ ସ୍ଥିତି, ଲୋକସଂଖ୍ୟା ଓ ସେମାନଙ୍କ ଚରିତ୍ର, ଜାତି ଓ ଧର୍ମକୁ ନେଇ ରାଜନୀତି ସର୍ବଦା ଭାରତୀୟ ଗଣତନ୍ତ୍ରକୁ ପ୍ରଭାବିତ କରିଥାଏ। ଗତ ଶତାବ୍ଦୀର ଶେଷ ଦଶକକୁ ଯଦି ଦେଖାଯାଏ ହିଂସା, ବୁଥ୍ ଜବରଦଖଲ ଆଦି ବିହାର ନିର୍ବାଚନ ସହ ଯୋଡ଼ି ହୋଇଥିଲା ଏବଂ ଅନେକ ସ୍ଥାନରେ ପୁନଃ ମତଦାନ ହେଉଥିଲା। ୨୦୦୫ରେ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ହେବା ପରେ ବିହାର ଅନେକ ପରିବର୍ତ୍ତନ ଦେଖିଲା। ୨୦୨୫ ବିହାର ବିଧାନସଭା ନିର୍ବାଚନ ଅନେକ ଦୃଷ୍ଟିରୁ ଗୁରୁତ୍ୱ ବହନ କରିଛି। କୌଣସି ସ୍ଥାନରେ ପୁନଃ ଭୋଟଗ୍ରହଣ ହୋଇ ନ ଥିବା ବେଳେ ହିଂସାକାଣ୍ଡ ବିଷୟରେ ଖବର ମିଳି ନାହିଁ। ଦୀର୍ଘ ଶାସନ କରିଥିବା ସତ୍ତ୍ୱେ ନୀତିଶ ବିରୋଧୀ ମତ ନ ବହିବା ଏବେ ବେଶି ଆଲୋଚନାର ବିଷୟବସ୍ତୁ ହୋଇଛି। ଏହାର ସମ୍ଭାବ୍ୟ ଉତ୍ତର ରଖାଯାଉଛି ଯେ, ମହାଗଠବନ୍ଧନ ବିହାରବାସୀଙ୍କ ମନକୁ ପଢ଼ିପାରିଲେ ନାହିଁ। ସାମାଜିକ, ଆର୍ଥିକ ଓ ରାଜ୍ୟର ଉନ୍ନତି ପ୍ରସଙ୍ଗ ବିରୋଧୀ ନ ଉଠାଇ ଜେଡିୟୁ, ଭାଜପାକୁ ଟାର୍ଗେଟ କରିବା ସହ ନିର୍ବାଚନ କମିଶନଙ୍କ ଉପରେ ଦୋଷ ଅଜାଡ଼ି ଚାଲିଲେ। ଗଣତନ୍ତ୍ରରେ ଦୋଷ ଲଦିବା ଅପେକ୍ଷା ଲୋକଙ୍କ ପାଇଁ ଦଳ କ'ଣ କରିପାରିବ ତାହା ସେମାନଙ୍କ ନିକଟରେ ପହଞ୍ଚାଇବାର ଥିଲା। କିନ୍ତୁ କମ୍ ଆଲୋଚନା ହେଉଥିବା ବିନ୍ଦୁଟି ହେଉଛି ବୃଦ୍ଧ ନୀତିଶଙ୍କ ବିକଳ୍ପ ଭାବେ ଯୁବ ତେଜସ୍ୱୀ ନିଜକୁ ପ୍ରତିପାଦିତ କରିବାରେ ଅସଫଳ ହେଉଛନ୍ତି। ଲୋକଙ୍କ ପାଖକୁ ଗଲା ବେଳେ ଗୋଟେ ଭଲ ପାତ୍ର ବା ଥାଳ ନେଇ ଯାଇଥିଲେ ଦାନ ପାଇପାରିଥାଆନ୍ତେ। ଏହି ପାତ୍ର ପ୍ରସ୍ତୁତ କରିବା ଲାଗି ଗୋଟେ ସକାରାତ୍ମକ ପରିବେଶ ସୃଷ୍ଟି କରି ନିଜର ବ୍ୟକ୍ତିତ୍ୱ ବିକଶିତ କରାଇପାରିଥିଲେ ଲୋକେ ସେହି ନେତାଙ୍କ ଗୁରୁତ୍ୱ ବୁଝିପାରିଥାଆନ୍ତେ। ଭାରତୀୟ ରାଜନୀତି ଦେଖିଛି ଗୋଟେ ବିକଳ୍ପ ସୃଷ୍ଟି ନ ହେବା ଯାଏ ନେତାମାନେ ଦୀର୍ଘ ବର୍ଷ ଧରି ଶାସନରେ ରହିଥାଆନ୍ତି। ନଚେତ୍ ନେତା ନେଉଥିବା କୌଣସି ପଦକ୍ଷେପ ସାଧାରଣରେ ସ୍ୱୀକାରଯୋଗ୍ୟ ହେବାରେ ଅସଫଳ ହେଲେ ଭୋଟର ମୁହଁ ମୋଡ଼ିବା ସ୍ୱାଭାବିକ। ଏହା ୨୦୨୪ ନିର୍ବାଚନରେ ଓଡ଼ିଶା ଭୋଟର ପ୍ରମାଣ କରିଦେଇଛନ୍ତି। ଓଡ଼ିଶାର ଉଦାହରଣରୁ ବୁଝିବାକୁ ହେବ ଯେ ସବୁବେଳେ ବିକଳ୍ପ ଖୋଜିବା ପାଇଁ ନାଗରିକ ଅପେକ୍ଷା କରି ବସନ୍ତି ନାହିଁ। ବିରକ୍ତ ହେଲେ ଯାହାକୁ ଇଚ୍ଛା ତାହାକୁ ଶାସନ ଗାଦିରେ ବସାଇଦେଇ ପାରୁଛନ୍ତି।ଆଜିର ସ୍ଥିତିରେ କଂଗ୍ରେସର ରାହୁଲ ଗାନ୍ଧୀ ହୁଅନ୍ତୁ ବା ଆର୍‌ଜେଡିର ତେଜସ୍ୱୀ ଯାଦବ ଆତ୍ମସମୀକ୍ଷା କରିବା ଗୁରୁତ୍ୱ ଧାରଣ କଲାଣି। ଏକ ଜାତୀୟ ଦଳ ଭାବେ କଂଗ୍ରେସ ୬ଟି ଆସନ ପାଉଥିବାରୁ ସେଥିରୁ ରାହୁଲ ବୁଝିଯିବା ଦରକାର ଯେ, ଜନସାଧାରଣଙ୍କ ନିକଟରେ ତାଙ୍କର ଗ୍ରହଣୀୟତା ସମ୍ପୂର୍ଣ୍ଣ ଲୋପ ପାଇଲାଣି। ତେଣୁ ସେଭଳି ନେତା ନେତୃତ୍ୱ ନେବାରୁ ଓହରିଯିବା ଉଚିତ। ତେଲଙ୍ଗାନା, କର୍ଣ୍ଣାଟକ କିମ୍ବା ହିମାଚଳ ପ୍ରଦେଶରେ କଂଗ୍ରେସ ଶାସନକୁ ଆସିବା ପଛରେ ସ୍ଥାନୀୟ ନେତାଙ୍କ କସରତ ଥିଲା। ତେଲଙ୍ଗାନାରେ ଏ. ରେଭନ୍ତ ରେଡ୍ଡୀ, କର୍ଣ୍ଣାଟକରେ ଡି.କେ. ଶିବକୁମାର ଏବଂ ହିମାଚଳ ପ୍ରଦେଶରେ ସୁଖବିନ୍ଦର ସିଂ ସୁଖୁ ନିଜ ପ୍ରଚେଷ୍ଟାରେ କଂଗ୍ରେସକୁ ଜିତାଇ ପାରିଥିଲେ। ସେହି ବିଜୟ ସହ ରାହୁଲଙ୍କୁ ଆଦୌ ଯୋଡ଼ା ଯିବା କଥା ନୁହେଁ। ବିହାର କଂଗ୍ରେସରେ ସେଭଳି ଆଞ୍ଚଳିକ ନେତାଙ୍କ ଅଭାବ ଆରମ୍ଭରୁ ଦିଶୁଥିଲା। ତେଣୁ ଯେତେବେଳେ ନେତାମାନେ ଜାଣୁଛନ୍ତି ଯେ ସେମାନଙ୍କ ଦ୍ୱାରା କିଛି ହୋଇପାରୁ ନାହିଁ, ନିଜଆଡ଼ୁ ସେମାନେ ମଇଦାନରୁ ଅପସରି ଯିବା କଥା। ଓଡ଼ିଶା କଥା ଦେଖିଲେ ଦିନେ ସର୍ବମାନ୍ୟ ନେତା ଭାବେ ନବୀନ ପଟ୍ଟନାୟକଙ୍କୁ ଦେଖାଯାଉଥିଲା। ଏବେ ବହୁ ଦିଗରୁ ତାଙ୍କ ବ୍ୟକ୍ତିତ୍ୱ ହ୍ରାସ ପାଇଥିବାରୁ ତାଙ୍କର ଗ୍ରହଣୀୟତା ସମ୍ପୂର୍ଣ୍ଣ ଭାବେ ଚାଲିଗଲାଣି ବୋଲି ନୂଆପଡ଼ା ଉପନିର୍ବାଚନରୁ ପ୍ରମାଣ ମିଳିଲା। ଏହା ସୁନିଶ୍ଚିତ ବିଷୟ ଯେ ଓଡ଼ିଶାରେ ଶୂନ୍ୟ ବିରୋଧୀ ସ୍ଥାନ ସୃଷ୍ଟି ହୋଇଛି। ସେହି ସ୍ଥାନକୁ ନବୀନ ପଟ୍ଟନାୟକ ପୂରଣ କରିବାର ଅକ୍ଷମତା ପ୍ରଦର୍ଶନ କରିସାରିଲେଣି। ତାଙ୍କ ପାଖରେ କୌଣସି ନୂଆ ମନ୍ତ୍ର ଦେଖିବାକୁ ବାକି ନାହିଁ ବୋଲି ନୂଆପଡ଼ା ଦେଖାଇ ଦେଲା। ଅନୁରୂପ ଭାବେ ଓଡ଼ିଶା କଂଗ୍ରେସରେ ମଧ ଡି.କେ. ଶିବକୁମାର କିମ୍ବା ରେଭନ୍ତ ରେଡ୍ଡୀଙ୍କ ଭଳି ଗ୍ରହଣୀୟ ନେତାଙ୍କ ଉପସ୍ଥିତି ନାହିଁ। ତେଣୁ ବିରୋଧୀ ସ୍ଥାନ ଏବେ ଖାଲି ପଡ଼ିଛି, ଯାହାକୁ କଂଗ୍ରେସ ଏକ ଜାତୀୟ ଦଳ ଭାବେ ପୂରଣ କରିପାରିବ ବୋଲି ବିଶ୍ୱାସ ହେଉନାହିଁ।

# ମହାନ ସ୍ୱାଧିନତା ସଂଗ୍ରାମୀ ହରେକୃଷ୍ଣ ମହତାବଙ୍କ ଜୀବନରୁ ଶିକ୍ଷା

ଓଡିଶାର ସର୍ବପ୍ରଥମ ମୁଖ୍ୟମନ୍ତ୍ରୀ, ହରେକୃଷ୍ଣ ମହତାବଙ୍କର ଅସାଧାରଣ ବ୍ୟକ୍ତିତ୍ୱ ଥିଲା | ସେ ମିଷ୍ଟଭାଷୀ ଉଦାର, ନିର୍ଭିକ,ନମ୍ର ସାହିତ୍ୟପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ ଏବଂ ଜଣେ ଆଦର୍ଶ ରାଜନେତା ଥିଲେ | ସେ ଓଡିଶାର ଜଣେ ବିଚକ୍ଷଣ ରାଜନୀତିଜ୍ଞ, ଐତିହାସିକ ଓ ସୁଲେଖକ ଭାବେ ପରିଚିତ | ସେ ୧୮୯୯ମସିହା ଆଗରପଡା ରେ (ବର୍ତମାନ ଭଦ୍ରକ ଜିଲ୍ଲା ରେ ଅବସ୍ଥିତ) ଏକ ସମ୍ଭ୍ରାନ୍ତ କ୍ଷତ୍ରିୟ ପରିବାରରୁ ଜନ୍ମଗ୍ରହଣ କରିଥିଲେ | ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସେ ବହୁବାର କାରାବରଣ କରିଥିଲେ | ବିଭିନ୍ନ ସମୟରେ ବିଭିନ୍ନ ପଦପଦବୀରେ ରହି ବହୁ ଜନହିତକର କାର୍ଯ୍ୟ କରିଯାଇଛନ୍ତି | ତାଙ୍କର ପ୍ରେରଣା ଓ ସମ୍ପାଦନାରେ ପ୍ରଜାତନ୍ତ୍ର, ମୀନାବଜାର , ଝଙ୍କାର ପ୍ରଭୃତି,, ପତ୍ରପତ୍ରିକା କଟକରୁ ପ୍ରକାଶିତ ହେଉଛି | ସମ୍ଭ୍ରାନ୍ତ ପରିବାରରେ ଜନ୍ମ ହୋଇଥିଲେ ମଧ ସେ ସଦାସର୍ବଦା ଜଣେ ସରଳ ନିଷ୍କପଟ, ଉଦାର, ନମ୍ର ରାଜନେତା ଥିଲେ | ଗର୍ବ, ଅହଂଙ୍କାର ତାଙ୍କୁ ତଳେମାତ୍ର ଛୁଇଁ ପାରିନଥିଲା | ଯାହାକି ଏକବିଂଶ ଶତାବ୍ଦୀର ରାଜନେତା ପାଖରେ ଏହା ପରିଲକ୍ଷିତ ହେଉନାହିଁ | ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅତୁଳନୀୟ ଅବଦାନ ତାଙ୍କୁ ଉତ୍କଳକେଶରୀର ଆଖ୍ୟା ପ୍ରଦାନ କରିଅଛି |

ନବଉତ୍କଳର ନିର୍ମାତା ରୂପେ ସେ ସୁପ୍ରତିଷ୍ଠିତ। " ତୁଳସୀ ଦୁଇ ପତ୍ରରୁ ବାସିଲା ପରି" ବାଲ୍ୟ କାଳରୁ ହିଁ ଡକ୍ଟର ହରେକୃଷ୍ଣ ମହତାବଙ୍କ ମନରେ ଦେଶପ୍ରେମର ବହ୍ନି ପ୍ରଜ୍ଜ୍ୱଳିତ ହୋଇଥିଲା । ଦେଶମାତୃକାର ସେବା ପାଇଁ ପାଠପଢ଼ା ଅଧାରୁ ସମାପ୍ତ କରି ଭାରତର ସ୍ୱାଧୀନତା ସଂଗ୍ରାମରେ ସେ ଯୋଗଦେଇଥିଲେ । ସେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ସେ ୧୯୨୦ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ନାଗପୁର ଓ କୋଲକାତା ଅଧିବେଶନରେ ଯୋଗ ଦେଇଥିଲେ ଏବଂ ଭାରତକୁ ସ୍ୱାଧୀନ କରିବାର ଜିଜ୍ଞାସା ତାଙ୍କ ମନ ମଧ୍ୟରେ ଜାଗ୍ରତ ହୋଇଥିଲା | ସେଥିପାଇଁ ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୨୧ ମସିହାରେ ଭାରତର ସ୍ୱାଧିନତା ସଂଗ୍ରାମରେ ସେ ଯୋଗଦେଇଥିଲେ। ସେଥିପାଇଁ ତାଙ୍କୁ ବହୁବାର ଜେଲ୍ ଯିବାକୁ ପଡ଼ିଥିଲା। ୧୯୩୦ ମସିହାରେ ହୋଇଥିବା ଆଇନ ଅମାନ୍ୟ ଆନ୍ଦୋଳନରେ ତାଙ୍କର ଭୂମିକା ଅତୁଳନୀୟ ଥିଲା । ୧୯୩୪ ମସିହାରେ ସେ ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଏବଂ ଓଡ଼ିଶାର ମନ୍ଦିର ଗୁଡ଼ିକୁ ସବୁ ଲୋକଙ୍କ ପାଇଁ ଖୋଲିବା ପାଇଁ ପଦକ୍ଷେପ ନେଇଥିଲେ । ତାଙ୍କ ପାଖରେ ଧନୀ, ଗରିବ , ଉଚ୍ଚ, ନୀଚ ଜାତିର ଭେଦ ଭାବ ନଥିଲା । ୧୯୩୩ ରୁ ୧୯୩୬ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ଅଗ୍ରପଡ଼ା ରେ ଥିବା ଗାନ୍ଧୀ କର୍ମମଣ୍ଡଳ ଆଶ୍ରମରେ ହରିଜନ ମାନଙ୍କ ଉନ୍ନତି ନିମନ୍ତେ ଅନେକ କାର୍ଯ୍ୟ କରିଥିଲେ। ୧୯୪୨ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନରେ ସେ ଅଂଶଗ୍ରହଣ କରିଥିଲେ ଏବଂ ଇଂରେଜ ମାନଙ୍କୁ ଦୃଢତାର ସହିତ ବିରୁଦ୍ଧ କରିଥିଲେ । ତେଣୁ ତାଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା। ଭାରତର ସ୍ୱାଧୀନତା ସଂଗ୍ରାମରେ ବାରମ୍ବାର ଅଂଶଗ୍ରହଣ କରି ତାଙ୍କୁ ଅନେକ ବାର ଜେଲ୍ ଯିବାକୁ ପଡ଼ିଥିଲା । ଜାତୀୟ ଆନ୍ଦୋଳନରେ ଡକ୍ଟର ହରେକୃଷ୍ଣ ମହତାବଙ୍କୁ ୭ଥର ଜେଲ୍ ଯିବାକୁ ପଡ଼ିଥିଲା । ସେ ଦୀର୍ଘ ୮ ବର୍ଷ ଧରି ଜେଲ୍ ରେ ସମୟ ଅତିବାହିତ କରିଛନ୍ତି। ଭାରତ ଛାଡ଼ ଆନ୍ଦୋଳନରେ ସେ "୧୯୪୨ ରୁ ୧୯୪୫" ମସିହା ପର୍ଯ୍ୟନ୍ତ କାରାଗାରରେ ବନ୍ଦୀ ହୋଇ ରହିଥିଲେ। ଜେଲ୍ ରେ ବନ୍ଦୀ ଥିବା ସମୟରେ ସେ ୩ ଟି ଉପନ୍ୟାସ ଅନେକ କବିତା ଓ ଓଡ଼ିଶାର ଇତିହାସ ଲେଖିଥିଲେ |

୧୯୪୬ ମସିହା ଏପ୍ରିଲ ୨୩ରେ ସେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଅଧିଷ୍ଠିତ ହୋଇଥିଲେ | ଡକ୍ଟର ହରେକୃଷ୍ଣ ମହତାବଙ୍କ ବିରୁଦ୍ଧରେ ବାରମ୍ବାର ଷଡ଼ଯନ୍ତ୍ର କରାଯାଇଥିଲେ ମଧ ନିଜର ଦୃଢ଼ ଇଚ୍ଛାଶକ୍ତି, ନିଷ୍ଠା ନିର୍ଭୀକତା, ତ୍ୟାଗ, ସଚ୍ଚୋଟତା, ନମ୍ରତାକୁ ପାଥେୟ କରି ସେ ସବୁ ଷଡ଼ଯନ୍ତ୍ର କୁ ପଶମିତ କରିପାରିଥିଲେ। ତାଙ୍କ ପାଇଁ ଦଳ, ପଦପଦବୀ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା | ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ତଥା ରାଜ୍ୟର ସ୍ୱାର୍ଥକୁ ସଦାସର୍ବଦା ଗୁରୁତ୍ୱ ଦେଉଥିଲେ ଏଥିରେ ତିଳେମାତ୍ର ସଂନ୍ଦେହର ଅବକାଶ ନାହିଁ | ରାଜନୀତିରେ କୌଣସି ବ୍ୟକ୍ତି କିମ୍ବା କୌଣସି ଦଳର ମହିମାମଣ୍ଡନ କରିବାକୁ ସେ ନାପସନ୍ଦ କରୁଥିଲେ | ସେ ସଦାସର୍ବଦା ଆମ ରାଷ୍ଟ୍ର ତଥା ରାଜ୍ୟର ବିକାଶ ପାଇଁ ଚେଷ୍ଟିତ ଥିଲେ | କ୍ଷମତା,ପଦପଦବୀର ଲାଳସା ତାଙ୍କୁ ଗ୍ରାସ କରି ପାରିନଥିଲା | ସେ ସଦାସର୍ବଦା ଓଡ଼ିଆ ଭାଷା,ସାହିତ୍ୟ, ପରମ୍ପରା, ସଂସ୍କୃତିକୁ ବଜାଇ ରଖିବା ପାଇଁ ଅପ୍ରାଣ ଉଦ୍ୟମ କରୁଥିଲେ | ସେ ଲାଲବାହାଦୁର ଶାସ୍ତ୍ରୀଙ୍କ ଭଳି ଅତି ସରଳ ନିରାଡ଼ମ୍ବର ଜୀବନ ଅତିବାହିତ କରୁଥିଲେ | ଅସହାୟ ଗରିବ, ମଧ୍ୟବିତ୍ତ ଲୋକଙ୍କର ଦବିଯାଉଥିବା ସ୍ୱରକୁ ନିଜର ଗଳ୍ପ, ଉପନ୍ୟାସ ଏବଂ ଖବରକାଗଜ "ପ୍ରଜାତନ୍ତ୍ର" ରେ ପ୍ରକାଶ କରୁଥିଲେ | ନିରପେକ୍ଷ ଦୈନିକ ଖବରକାଗଜ "ପ୍ରଜାତନ୍ତ୍ର" ସଦାସର୍ବଦା ସାଧାରଣ ଲୋକଙ୍କ ସ୍ୱର ହୋଇ ତାର ଦାୟିତ୍ୱ ସଠିକ ଭାବରେ ନିର୍ବାହ କରୁଛି | ଯେତେବେଳେ ପ୍ରଶାସନ ନେତା,ମନ୍ତ୍ରୀ, ଅଫିସର ମାନେ ଭ୍ରଷ୍ଟାଚାରରେ ଲିପ୍ତ ରୁହନ୍ତି, ଅହଂକାରରେ ବଶବର୍ତ୍ତୀ ହୋଇ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଭୁଲିଯାଆନ୍ତି, ସେବକ ପରିବର୍ତ୍ତେ ନିଜକୁ ମାଲିକ ମନେକରନ୍ତି, ସେତେବେଳେ ନିରପେକ୍ଷ ଖବରକାଗଜ ପ୍ରଜାତନ୍ତ୍ର ପ୍ରଶାସନକୁ ଚେତାଇ ଦିଏ ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନେତା, ମନ୍ତ୍ରୀ, ଅଫିସର ମାନେ ଜନତାର ସେବକ ହୋଇଥାନ୍ତି ଏବଂ ପ୍ରକୃତରେ ଜନତା ହିଁ ସର୍ବଶକ୍ତିମାନ , ଏହାର ଅର୍ଥ ଆମ ଦେଶର ସମସ୍ତ ଭୋଟର ଅଖଣ୍ଡ କ୍ଷମତାର ଅଧିକାରୀ |

ନିଜର ଖଣ୍ଡିଏ ଭୋଟ ମାଧ୍ୟମରେ ସରକାର ପରିବର୍ତ୍ତନ କରିବାର କ୍ଷମତା ଜନସାଧାରଣଙ୍କ ପାଖରେ ରହିଛି | ଡ଼କ୍ଟର ହରେକୃଷ୍ଣ ମହତାବଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଆମ ଦେଶର ସମସ୍ତ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା | ତାଙ୍କର ମତ ଥିଲା ଭାରତ ପରି ବିଶାଳ ଦେଶରେ ସମସ୍ତେ ଆତ୍ମନିର୍ଭରଶୀଳ ହେବା ଉଚିତ | ତାଙ୍କର ଏହି ଆହ୍ୱାନ ଆଜି ପ୍ରତ୍ୟେକ ଭାରତୀୟଙ୍କ ପାଖରେ ପହଂଚିପାରିଛି | ଜୀବନର ପ୍ରତ୍ୟେକ ମୁହୂର୍ତ ସେ ଦେଶ ପାଇଁ ଚିନ୍ତା କରିଛନ୍ତି |ତାଙ୍କ ପାଇଁ ରାଷ୍ଟ୍ର ସର୍ବାଗ୍ରେ | ବାଲେଶ୍ୱର ଜିଲ୍ଲାରେ ଚେୟାରମ୍ୟାନ ଦାୟିତ୍ୱରେ ଥିବାବେଳେ ସେ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ବିଦେଶୀ ପୋଷାକକୁ ବିରୋଧ କରିଥିଲେ | ୧୯୩୦ରେ ସେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ଜେଲ୍ ଯାଇଥିଲେ |

ଏକ ନୂତନ ଓଡିଶା ଗଠନ ଦିଗରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା | ସର୍ଦ୍ଦାର ବଲ୍ଲଭଭାଇଙ୍କ ଆହ୍ୱାନ ଏବଂ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ସହଯୋଗ ଦ୍ୱାରା ଓଡିଶାର ୨୬ଟି ଗଡ଼ଜାତ ରାଜ୍ୟ ଓଡିଶାରେ ମିଶ୍ରଣ ହୋଇଥିଲା | ତାଙ୍କ ରଚିତ "ଗାଁ ମଜଲିସ୍" ଲେଖା ପାଇଁ ତାଙ୍କୁ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା | ଏଥିସହ ଇଂରାଜୀ ପତ୍ରିକା " ଦ ଇଷ୍ଟର୍ଣ୍ଣ ଟାଇମସର" ସେ ସମ୍ପାଦକ ଥିଲେ | ସେ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ୨ଥର ନିର୍ବାଚିତ ହୋଇଥିଲେ | ପାଖାପାଖି ସାତବର୍ଷ ଧରି ସେ ମୁଖ୍ୟମନ୍ତ୍ରୀ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ | | ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଓଡିଶାର ଅନେକ ଜନମୁଖୀ ପ୍ରଜେକ୍ଟରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା |

ହୀରାକୁଦ ଡ୍ୟାମ ନିର୍ମାଣରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା | କଟକ ଆକାଶବାଣୀ କେନ୍ଦ୍ରର ପ୍ରତିଷ୍ଠାତା ଭାବେ ସେ ଚିରପରିଚିତ | ବାରବାଟୀ ଷ୍ଟାଡିଅମ ନିର୍ମାଣରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା | ଓଡିଶାର ରାଜଧାନୀ କଟକରୁ ଭୁବନେଶ୍ୱରକୁ ସ୍ଥାନନ୍ତରିତ କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା | ଡ଼କ୍ଟର ହରେକୃଷ୍ଣ ମହତାବ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଐତିହାସିକ ଆଦର୍ଶ ମୁଖ୍ୟମନ୍ତ୍ରୀ, ସାହିତ୍ୟପ୍ରେମୀ, ସମ୍ପାଦକ, ଦକ୍ଷ ପ୍ରଶାସକ ଏବଂ ସର୍ବଗୁଣସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ |

ରାଜନୀତିର ସଂକୀର୍ଣ୍ଣ ସୀମାକୁ ଅତିକ୍ରମ କରି ଜଣେ ରାଷ୍ଟ୍ରପୁରୁଷ, ମହାନ ଜନନାୟକ ଭାବରେ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ | ସଂଘର୍ଷ ମଧ ଦେଇ ତାଙ୍କର ବ୍ୟକ୍ତିତ୍ୱ ଗଢି ଉଠିଥିବାରୁ ସେ ଥିଲେ ଯଥାର୍ଥରେ ବୀରପୁରୁଷ ଓ ନିର୍ଭୀକ | ନବ ଉତ୍କଳର ଅନେକ ପ୍ରଥମଙ୍କ ଭିତରେ ସେ ପ୍ରଥମ | ଓଡିଶାକୁ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ କରାଇବା ତାଙ୍କ ଜୀବନର ପରମ ଲକ୍ଷ୍ୟ ଥିଲା | ତେଣୁ ଆଧୁନିକ ଓଡିଶାର ସଂସ୍କୃତି ଓ ରାଜନୀତି ଉପରେ ତାଙ୍କର ସାଧନା କାଳକୁ ମହତାବ- ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ | ଗଣତନ୍ତ୍ରକୁ କଳଙ୍କମୁକ୍ତ କରିବା ଓ ରାଜନୀତିକୁ ନିଷ୍ଠାପର ଭାବରେ ଲୋକାଭିମୁଖୀ କରାଇବା, ସମାଜରୁ ଯାବତୀୟ ଜଡ଼ତା ଓ କୁସଂସ୍କାରକୁ ଦୂରେଇ ଦେବା, ସାହିତ୍ୟକୁ ସମାଜ ଅଭିମୁଖୀ କରାଇବା ଏପରି ଅନେକ ଉଲ୍ଲେଖନୀୟ ସଂସ୍କାରମୂଳକ କାର୍ଯ୍ୟକ୍ରମ ଭିତରେ ସେ ନିଜକୁ ଅବିରତ କର୍ମମୁଖର କରି ରଖିଥିଲେ |

ହରେକୃଷ୍ଣ ମହତାବ ଏପରି ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ଆଦର୍ଶ ରାଜନେତା ଯିଏ ବାରମ୍ବାର ଜେଲ ଯାଇ ମଧ ଭାଙ୍ଗିପଡି ନାହାନ୍ତି |

ଘାତ ପ୍ରତିଘାତ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ଦେଇ ସେ ଗତି କରିଛନ୍ତି | ତାଙ୍କ ବିରୋଧରେ ଅନେକ ଷଡ଼ଯନ୍ତ୍ର କରାଯାଇଛି, କମିଶନ ବସାଯାଇଛି କିନ୍ତୁ ସେ ସାହସର ସହିତ ମହାଭାରତର ଅଭିମନ୍ୟୁ ପରି ଏକାକୀ ତାର ମୁକାବିଲା କରିଛନ୍ତି | ରାଜନୀତି ଓ ପ୍ରଶାସନର ଘୂର୍ଣ୍ଣି ଭିତରେ ଜୀବନ ଅତିବାହିତ କରି ମଧ ସେ ବାଛି ନେଇଥିଲେ ସାହିତ୍ୟ ଓ ସାମ୍ବାଦିକତାକୁ | ଉଭୟକୁ ସେ ସମାଜ ଓ ରାଷ୍ଟ୍ର ଗଠନରେ ଦୁଇଟି ଅବ୍ୟର୍ଥ ଅସ୍ତ୍ର ରୂପେ ବିବେଚନା କରୁଥିଲେ | ଅସହଯୋଗ ଆନ୍ଦୋଳନ, କନିକା ରାଜ ଅତ୍ୟାଚାର ଓ ଲବଣ ସତ୍ୟାଗ୍ରହ ଏହି ଘଡିସନ୍ଧି ମୁହଁର୍ତ୍ତରେ ପ୍ରଜାତନ୍ତ୍ର ଖବରକାଗଜ ହୋଇଥିଲା ଜନଜାଗରଣର ଏକ ବଳିଷ୍ଠ ମାଧ୍ୟମ | " ଗାଁ ମଜଲିସ୍" ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ପରିପକ୍ୱ ଚିନ୍ତା ଓ ଚେତନାର ସାବଲୀଳ ପରିପ୍ରକାଶ | ୧୯୫୦ମସିହାରୁ ୧୯୮୬ମସିହା ପ୍ରଯ୍ୟନ୍ତ "ପ୍ରଜାତନ୍ତ୍ର" ପୃଷ୍ଠାମଣ୍ଡନ କରି ଏହା ଓଡିଶାର କୋଣ ଅନୁକୋଣରେ ଜନସାଧାରଣଙ୍କ ନିକଟରେ ପ୍ରିୟଭାଜନ ହୋଇପାରିଥିଲା | ସାମାଜିକ ରାଜନୀତିକ,ପ୍ରଶାସନିକ, ସାଂସ୍କୃତିକ, ଆର୍ଥନୀତିକ, ରାଷ୍ଟ୍ରୀୟ,ଧର୍ମୀୟ, କୃଷି, କୁସଂସ୍କାର ଏହିପରି ଅନେକ ସମସ୍ୟା ଏବଂ ତାର ସରଳ ସମାଧାନ ଓ ସେଥିରେ ସାଧାରଣ ଲୋକଙ୍କ ଭୂମିକାକୁ ଡ଼କ୍ଟର ହରେକୃଷ୍ଣ ମହତାବ ଏପରି ସୁନ୍ଦର ଭାବରେ ପରିସ୍ଫୁଟନ କରିଥିଲେ , ଯାହା ଚଳିତ ଚାରି ଦଶନ୍ଧି ଧରି ହୋଇଯାଇଛି ଏକ ଧାରାବାହିକ ଇତିହାସ | ଏକବିଂଶ ଶତାବ୍ଦୀର ସମସ୍ତ ରାଜନେତା କାଦୁଅଫିଙ୍ଗା ଶସ୍ତା ରାଜନୀତି ଏବଂ ନିଜର କ୍ଷମତା ଲାଳସାରୁ ନିବୃତ ରହି ମହାନ ରାଜନେତା ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାର ସମୟ ଆସିଛି, ଯାହା ଫଳରେ ଆମ ରାଜ୍ୟ ତଥା ରାଷ୍ଟ୍ର ବିଶ୍ୱର ସର୍ବଶେଷ୍ଠ ରୂପେ ପରିଗଣିତ ହେବ |

ଆଶୁତୋଷ ନାୟକ
ଗୋପାଳପୁର,, ବାଲେଶ୍ୱର,,
୭୦୨୦୬୧୧୩୦୦

ସୋମବାର ୧୭ ନଭେମ୍ବର ୨୦୨୫ ବର୍ଷ - ୨୮ , ଅଙ୍କ-୧୧ , ପୃଷ୍ଠା -୦୬




## ସ୍ଥାନୀୟ ସ୍ପନ୍ଦନ ସାହିତ୍ୟ ସଂସ୍କୃତିକ ସଂସ୍ଥାର ତତ୍ତ୍ୱାବଧାନରେ ଆଗାମୀ ବାର୍ଷିକୀ ପାଳନ

ରାୟଗଡା -ସ୍ଥାନୀୟ ସ୍ପନ୍ଦନ ସାହିତ୍ୟ ସଂସ୍କୃତିକ ସଂସ୍ଥାର ତତ୍ତ୍ୱାବଧାନରେ ଆଗାମୀ ବାର୍ଷିକୀ ପାଳନ ଅବସରରେ ସଂଗଠନ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରୁଛି। ୯ ତାରିଖରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ୧୬ ତାରିଖରେ ମହିଳାମାନଙ୍କ ପାଇଁ ଏକ କଞ୍ଚା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ରବିବାର ଅନୁଷ୍ଠିତ ଏହି କଞ୍ଚା ପ୍ରତିଯୋଗିତାରେ ଅନେକ ମହିଳା ଅଂଶଗ୍ରହଣ କରିଥିଲେ। ବି ପ୍ରୀତି, ଶେଖ ପ୍ରଜ୍ଞା, ୱାଇ ଗିରିଶା ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ଜିତିଥିଲେ । ଏମ୍ ପି ପାୱାନି, କୃପାଳି ମହାନ୍ତି ଏବଂ ଏସ୍ ଜାହ୍ନବୀ ସାନ୍ତ୍ୱନା ପୁରସ୍କାର ଜିତିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତାଙ୍କ ନାମ ମଧ ଘୋଷଣା କରାଯାଇଥିଲା। ବରିଷ୍ଠ ବର୍ଗରେ ସଙ୍ଗୀତା ମାଜ୍ଜୀ, ସାଇ ଆଧ୍ୟାସ ସାମଲ ଏବଂ ଏସ୍ ଶର୍ମା ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ଜିତିଥିଲେ । ଆଇ. ମୋନିଙ୍ଗି ଏବଂ ସମୀରା ରାଣୀ ସାନ୍ତ୍ୱନା ପୁରସ୍କାର ଜିତିଥିଲେ। କନିଷ୍ଠ ବର୍ଗରେ ପିହୁ, ଅର୍ଣ୍ଣବ ଜୟ, ଶୌର୍ଯ୍ୟ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ଜିତିଥିଲେ । ବି. ଚନ୍ଦ୍ରଶେଖର ଏବଂ ନାଇଡୁ ଅର୍ଜୁନ ପ୍ରୋତ୍ସାହନ ପୁରସ୍କାର ଜିତିଥିଲେ। ଡିସେମ୍ବର ୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକୀ ଉତ୍ସବରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ସଂଗଠନର ସଭାପତି ଜି. ଗୌରୀ ଶଙ୍କର ପ୍ରସାଦ ସୂଚନା ଦେଇଛନ୍ତି।

## କୋଟିଆରୁ ତଡ଼ା ଖାଇଲା ଆନ୍ଧ୍ର ସ୍ୱାସ୍ଥ୍ୟ ସେବା ଟିମ୍




ଓଡିଶା | ଓଡିଶା

କୋଟିଆ -କୋଟିଆରେ ତଡ଼ା ଖାଇଲା ଆନ୍ଧ୍ର ସ୍ୱାସ୍ଥ୍ୟ ସେବା ଟିମ୍।ସ୍ୱାସ୍ଥ୍ୟ ଯାଞ୍ଚ ସହ ଔଷଧ ପ୍ରଦାନ ବେଳେ ତଡ଼ିଲା ବ୍ଲକ ପ୍ରଶାସନ।ଉପରଗଞ୍ଜେଇ ପଦର ଗ୍ରାମରେ ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରୁଥିଲା।ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଯାନ ଆଣି ଗାଁରେ ଲୋକଙ୍କୁ ଔଷଧ ବାଣ୍ଟୁଥିଲେ। ଖବର ପାଇ ବ୍ଲକ ପ୍ରଶାସନ ଅଧିକାରୀ ପହଞ୍ଚି କାର୍ଯ୍ୟକ୍ରମ ବନ୍ଦ କରିଥିଲେ। ପଡୋଶୀ ଆନ୍ଧ୍ର ଓଡ଼ିଶାର ସୀମାନ୍ତ ଗ୍ରାମ ଗୁଡିକରେ ବାରମ୍ବାର ଅନୁପ୍ରବେଶ କରି ନିଜର ସ୍ଥିତି ଜାହିର କରିବାକୁ ପଛାଉ ନ ଥିବାବେଳେ ଓଡିଶା କିନ୍ତୁ ଆନ୍ଧ୍ର ଅନୁପ୍ରବେଶକାରୀଙ୍କୁ ଘଉଡାଇ ଭୁଣ୍ଡରୁ ଦାୟତ୍ୱ ହଟାଇ ଦେଉଛି। ଖବର ପାଇ ଅଧିକାରୀମାନଙ୍କୁ ଘଉଡାଇ ରିପୋର୍ଟ ପ୍ରସ୍ତୁତ କରି ଜିଲ୍ଲା ପ୍ରଶାସନ କୁ ଦେଇ ମୁଣ୍ଡରୁ ଦାୟିତ୍ୱ ହଟାଇ ଚାଲିଛି ବ୍ଲକ ପ୍ରଶାସନ ତଥା ଓଡିଶା । ଏହିପରି କାର୍ଯ୍ୟ ଦିନେ ନୁହେଁ କି ଦୁଇଦିନ ନୁହେଁ । ପଡୋଶୀ ଆନ୍ଧ୍ର ଓଡ଼ିଶାର କୋରାପୁଟ ଜିଲା ଅଧିନରେ ରହିଥିବା ପଟ୍ଟାଙ୍ଗି ବ୍ଲକର ସୀମାନ୍ତ କୋଟିଆ ପଞ୍ଚାୟତକୁ ବାରମ୍ବାର ଅନୁପ୍ରବେଶ କରି ବିବାଦ ସୃଷ୍ଟି କରୁଛି ।ସେପଟେ ଏହିପରି ସ୍ଥିତିରେ ଶୁକ୍ରବାର ପୁଣି ଉକ୍ତ ରାଜ୍ୟର ସାଲୁର୍ ମଣ୍ଡଳମ ( ବ୍ଲକ ) ଅଧିନରେ ରହିଥିବା ତୋଣାମ PHC ଡାକ୍ତର ଅଜୟ କୁମାର ନିଜ ସହ ଏକ ଦଳ ନେଇ କୋଟିଆ ପଞ୍ଚାୟତ ତଳ ଗଞ୍ଜେଇ ପଦର ଗ୍ରାମରେ ପହଞ୍ଚି ସୱାସ୍ଥ୍ୟ ଶିବିର ଆୟୋଜନ କରି ସୀମାନ୍ତ ବାସୀଙ୍କୁ ଚିକିତ୍ସା କରି ମାଗଣାରେ ଔଷଧ ପ୍ରଦାନ କରୁଥିବା ବେଳେ ଓଡ଼ିଶାର ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ତଥା ବିଡ଼ିଓ ରାମକ୍ରିଷ୍ଣା ନାୟକ ଖବର ପାଇ ଉକ୍ତ ଗ୍ରାମରେ ପହଞ୍ଚି ଆନ୍ଧ୍ରର ଡାକ୍ତରୀ ଦଳଙ୍କ ସହ ଆଲୋଚନା କରି ସୀମାନ୍ତ ଗ୍ରାମ ଛାଡ଼ି ଚାଲିଯିବାକୁ କହିଥିଲେ ।

## ବେଙ୍ଗାଲୁରୁରେ ୩ ଦିନିଆ ଓଡିଶା ପର୍ବର ଉଦଘାଟନ କଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା



|

ବେଙ୍ଗଲୁରୁରେ- ୩ ଦିନିଆ ଓଡିଶା ପର୍ବର ଉଦଘାଟନ କଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ବେଙ୍ଗାଲୁରୁରେ ଅନୁଷ୍ଠିତ ହେଉଛି ୩ ଦିନିଆ ଓଡ଼ିଶା ପର୍ବ। ବେଙ୍ଗାଲୁରୁ ଲଳିତ ଅଶୋକ ଠାରେ ଅନୁଷ୍ଠିତ ଏହି ପର୍ବକୁ ପ୍ରଥମେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦଘାଟନ କରିଛନ୍ତି। ପରେ ଷ୍ଟଲ ଗୁଡ଼ିକ ବୁଲି ଦେଖିଥିଲେ। ଏହି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଥିଲା। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ସ୍ୱାଗତ ଭାଷଣ ଦେଇଥଲେ। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଭାତୀ ପରିଡ଼ା ଯୋଗଦେଇ ଓଡ଼ିଶା ପର୍ଯ୍ୟଟନ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏବଂ ସମସ୍ତଙ୍କୁ ନିମନ୍ତ୍ରଣ କରିଥିଲେ ଯେ ଓଡ଼ିଶା ଆସନ୍ତୁ ଏବଂ ଓଡ଼ିଶାର ପର୍ଯ୍ୟଟନଗୁଡ଼ିକ ବୁଲି ଦେଖନ୍ତୁ।ଏହି ଅବସରରେ ଉନ୍ନୟନ କମିଶନର ଅନୁ ଗର୍ଗ ,ଓଡ଼ିଶା ଭାଷା ଓ ସାହିତ୍ୟ ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ରହି ଅବିଭାଷଣ ରଖିଥିଲେ। ତେବେ ଏହି ଅବସରରେ ଗଣମାଧମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ତେବେ ଏହି ପର୍ବ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ୩ ଦିନ ଧରି ଓଡ଼ିଶା ଭଳି ଅନୁଭବ ହେବ ବୋଲି କହିଥିଲେ ଉପ ମୁଖ୍ୟମନ୍ତ୍ରୀ। ଏହି ପର୍ବ ବୁଲିବା ପାଇଁ ସମ୍ପୂର୍ଣ୍ଣ ମାଗଣା ରହିଛି। ଓଡ଼ିଆ ସମେତ ସମସ୍ତ ଅଣଓଡ଼ିଆ ମାନଙ୍କୁ ବୁଲି ଦେଖିବାକୁ ନିବେଦନ କରିଛନ୍ତି।

## ଆଜି ଶ୍ରୀମନ୍ଦିରରେ ପଇତା ଲାଗି ନୀତି

### ୫ ଘଣ୍ଟା ପାଇଁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ



ପୁରୀ

ପୁରୀ: ଆଜି ମାର୍ଗଶିର ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି । ଏହି ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ଅନୁଷ୍ଠିତ ହେବ । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ୫ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଏହି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିବ। ଦଇତାପତି ସେବାୟତଙ୍କ ଏହା ଗୋଷ୍ଠୀଗତ ସେବା ହୋଇଥିବା ବେଳେ ଏହା ଏକ ଗୁପ୍ତନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ ରହିବ ।ଦଇତାପତି ସେବାୟତ ମାନେ ତିନି ଭାଗରେ ବିଭକ୍ତ ହୋଇ ରତ୍ନସିଂହାସନ ଉପରେ ଚଢି ମହାପ୍ରଭୁଙ୍କ ଏହି ଗୁପ୍ତ ସେବା କରିଥାନ୍ତି । ଦ୍ୱିତୀୟ ଭୋଗମଣ୍ଡପ ସରିବାପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କୁ ପଇତାଲାଗି କରିବେ । ଏହି ନୀତି ସମ୍ପୂର୍ଣ୍ଣ ହେବାପରେ ଶ୍ରୀବିଗ୍ରହଙ୍କୁ ମହାସ୍ନାନ କରାଯିବା ପରେ ଶ୍ରଦ୍ଧାଳୁମାନେ ଶ୍ରୀଜୀଉମାନଙ୍କୁ ଦର୍ଶନ କରିପାରିବେ । ବର୍ଷକୁ ପ୍ରାୟ ଦୁଇଥର ମହାପ୍ରଭୁଙ୍କ ପଇତାଲାଗି ନୀତି ଅନୁଷ୍ଠିତ ହୋଇଥାଏ ।

## ମନ୍ଦିରର ରୋଷଶାଳ ଓ କଲ୍ୟାଣ ମଣ୍ଡପ ଶିଳାନ୍ୟାସ କଲେ ବିଧାୟକ



କଟକ

ବ୍ରହ୍ମପୁର,୧୬।୧୧, ଚେତନା ମିଡ଼ିଆ: ବ୍ରହ୍ମପୁର ଖାସ୍ବା ସାହି ସ୍ଥିତ ଶ୍ରୀ ଶ୍ରୀ ଗଡ ଜଗନ୍ନାଥ ମନ୍ଦିରର ରୋଷେଇ ଗୃହ, କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାରଙ୍କ ଦ୍ୱାରା ଶିଳାନ୍ୟାସ ହୋଇଯାଇଛି । ବିଧାୟକ ପାଣ୍ଠି ରୁ ଏହି ନିର୍ମାଣ କାଯ୍ୟ ହେବ। ଏହି ଶିଳାନ୍ୟାସ ଉତ୍ସବରେ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତା, ସାହିର ବହୁ. ମାନ୍ୟଗଣ୍ୟ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ନିଷ୍ଟ୍ ବିଶ୍ୱବିଦ୍ୟାଳୟରେ ଇଲେକ୍ଟ୍ରୋନିକ୍ ସର୍କିଟ୍ ଏବଂ ସିଷ୍ଟମ୍ ନିମନ୍ତେ ମେଟଲାବ ଶୀର୍ଷକ କର୍ମଶାଳାର ଆୟୋଜନ



ଗୋପାଳପୁର,୧୪/୧୧ ଗୋଳନ୍ଥରା ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟରେ ଇ ସି ଇ ବିଭାଗ ଏବଂ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗ ଦ୍ୱାରା "ଇଲେକ୍ଟ୍ରୋନିକ୍ ସର୍କିଟ୍ ଏବଂ ସିଷ୍ଟମ୍ ନିମନ୍ତେ ମେଟଲାବ ଉପରେ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହାକୁ ଆନୁଷ୍ଠାନିକ ଭାବେ ନିଷ୍ଟ ବିଶ୍ୱବିଦ୍ୟାଳୟ ର ଏକାଡେମିକ ଡିନ ପି. ରାଜେଶ କୁମାର ଉଦଘାଟନ କରିଥିଲେ । ସେମିନାରଟି ଏଲମାକ୍ସ ସିଷ୍ଟମ୍ସ ଏବଂ ସଲ୍ୟୁସନ୍ସର ବରିଷ୍ଠ ଆପ୍ଲିକେସନ୍ ଇଞ୍ଜିନିୟର ଏବଂ କଲିକତା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ଶୁଭ୍ରଜ୍ୟୋତି ମୋଇତ୍ରାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଇଲେକ୍ଟ୍ରୋନିକ୍ ସର୍କିଟ୍ ସିମୁଲେସନ୍, ସିଷ୍ଟମ୍ ମଡେଲିଂ ଏବଂ ସିଗନାଲ ବିଶ୍ଳେଷଣ ପାଇଁ ମେଟଲାବ ଏବଂ ସିମୁଲିଙ୍କ ବ୍ୟବହାର ବିଷୟରେ ମତପୋଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୦୦ ରୁ ଅଧିକ ଛାତ୍ରଛାତ୍ରୀ ଏବଂ ଅଧାପକ କରିଥିଲେ ଅଂଶଗ୍ରହଣକରିଥିଲେ । ଶ୍ରୀ ମୋଇତ୍ରା ଆଧୁନିକ ଇଲେକ୍ଟ୍ରୋନିକ୍ସରେ ମେଟଲାବ ର ବାସ୍ତବ ପ୍ରୟୋଗ ଉପରେ ଆଲୋକପାତ କରିଥିଲେ, ଯାହା ଛାତ୍ରଛାତ୍ରୀମାନଙ୍କୁ ଶିଳ୍ପ ଏବଂ ଗବେଷଣା ସହିତ ପ୍ରାସଙ୍ଗିକ ଦକ୍ଷତା ପ୍ରଦାନ କରିବାରେ ସହାୟକ ହୋଇଥିଲା। ଏହି ସେମିନାର ରେ ଅଂଶଗ୍ରହଣକାରୀଙ୍କ ବୈଷୟିକ ଦକ୍ଷତା ବୃଦ୍ଧି ହେବା ସହ ଧାରଣାଗତ ବୁଝାମଣାକୁ ସୁଦୃଢ଼ କରିବା ସହ ମେଟଲାବ -ଆଧାରିତ ଇଞ୍ଜିନିୟରିଂ କାର୍ଯ୍ୟ ପରିଚାଳନା କରିବାରେ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିଥିଲା। ଏଥି ସହ ଛାତ୍ରଛାତ୍ରୀମାନଙ୍କୁ ବହୁଳ ଭାବରେ ବ୍ୟବହୃତ ବୃତ୍ତିଗତ ଉପକରଣ ସହିତ ପରିଚିତ କରାଇ ସେମାନଙ୍କ ମଧ୍ୟରେ ଶିଳ୍ପ ପ୍ରସ୍ତୁତିକୁ ଉନ୍ନତ କରିବାରେ ମଧ ସାହାଯ୍ୟ କରିଥିଲା। ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ସମୃଦ୍ଧ କରିବା ଏବଂ ନବସୃଜନ ଏବଂ ବୈଷୟିକ ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ନିଷ୍ଟ ବିଶ୍ୱବିଦ୍ୟାଳୟ ଏପରି ମୂଲ୍ୟଯୁକ୍ତ କାର୍ଯ୍ୟକ୍ରମ ଆୟୋଜନ କରିଚାଲିଛି। ଏହି ସେମିନାର କୁ ଡ଼. ସତ୍ୟ ସୋପାନ ମାହାତୋ ପରିଚାଳନା କରିଥିଲେ । ଏହି ସେମିନାର ରେ ଡ଼. ସସ୍ମିତା ପାଢ଼ୀ, ଡ଼. ବସନ୍ତ କୁମାର ସାହୁ, ଡ଼. ଅଶ୍ୱିନୀ କୁମାର ନାୟକ, ଡ଼. ଅମୃତା ପଟନାୟକ, ପ୍ରଫେସର ଚିତ୍ତରଞ୍ଜନ ବିଶ୍ୱାଳ ପ୍ରମୁଖ ସହାୟତା କରିଥିଲେ ।

## କୃତ୍ରିମ ବୁଦ୍ଧିମତା ପ୍ରାକୃତିକ ବୁଦ୍ଧିମତାର ଅନୁପୂରକ ଏବଂ ପରିପୂରକ ହେଉ- କଲ୍ୟାଣୀ ସଙ୍ଘମିତ୍ରା



ବ୍ରହ୍ମପୁର,୧୬।୧୧, ଚେତନା ମିଡ଼ିଆ : କୃତ୍ରିମ ବୁଦ୍ଧିମତା ପ୍ରାକୃତିକ ବୁଦ୍ଧିମତାର ଅନୁପୂରକ ଏବଂ ପରିପୂରକ ହେଉ । ରାଜ୍ୟ ସ୍ତରୀୟ ଜାତୀୟ ପ୍ରେସ ଦିବସ ଯୋଗଦାନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଭଳି କହିଛନ୍ତି ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା । ଏପରିକି କୃତ୍ରିମ ବୁଦ୍ଧିମତା ସହଯୋଗୀ ହେଉ, ପ୍ରଭୁ କି ମାଲିକ ନ ହେଉ । ଏପରି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଉପସ୍ଥାପନ କରିଛନ୍ତି। ବ୍ରହ୍ମପୁର ସହରର ପୁରୁଣା ଚର୍ଚ୍ଚ ପଡିଆରେ ବିଶ୍ୱାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ପୁରଷୋତ୍ତମପୁର ତହସିଲର ବିନୋଦ କୁମାର ବେହେରା , ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ବିଭାଗୀୟ ମୁଖ୍ୟ ବନ୍ଦିତା କୁମାରୀ ପଣ୍ଡା ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଭି.ରାଜେନ୍ଦ୍ର ରାଜୁ ଉପସ୍ଥିତ ରହି ଜାତୀୟ ପ୍ରେସ ଦିବସର ଗୁରୁତ୍ୱ ଏବଂ ଜନତାଙ୍କ ବିଶ୍ୱାସନୀୟତା ଓ ଗଣମାଧମ ଶୀର୍ଷକ ଆଲୋଚନା ଚକ୍ରରେ କିପରି ବିଭିନ୍ନ ସମୟରେ ଚ୍ୟାଲେଞ୍ଜ ଗ୍ରହଣ କରିଥାଏ ତାହାରି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଦିନକୁ ଦିନ ଗଣମାଧମ କିପରି ପରିବର୍ତ୍ତନ ହେଉଛି ତାହାକୁ ନେଇ ଆଲୋଚନା କରିବା ସହିତ ବର୍ତ୍ତମାନର ଏ.ଆଇ ଏବଂ ଚାର୍ଜ ଜିପିଟି ସମୟରେ ଗଣମାଧମର କାର୍ଯ୍ୟ ନେଇ ଗୁରୁତ୍ୱାରୋପ କରିଥିଲେ । ଏପରିକି ବର୍ତ୍ତମାନ ସମୟରେ ସବୁ କ୍ଷେତ୍ରରେ ନକଲି ସାମଗ୍ରୀ କୁ ଚିହ୍ନଟ କରାଯାଇପାରୁଛି ହେଲେ ସତ୍ୟ ମଧରେ ଅସତ୍ୟ ଖବର ଚିହ୍ନଟ କରିବା ଅତ୍ୟନ୍ତ କଷ୍ଟକର ଏବଂ ତାହାର କୈଣସି ପରିମାପକ ନଥିବା ଦେଖାଯାଇଛି। ଏଣୁ ଗଣମାଧମ ପ୍ରତିନିଧି ମାନେ ସତ୍ୟ ଖବର ପରିବେଷଣ କରିବା ପାଇଁ ନିଜେ ଘଟଣାସ୍ଥଳରେ ପହଞ୍ଚିବା ଆବଶ୍ୟକତା ରହିଛି। ଏପରିକି ଯେଉଁ ଉଦ୍ଦେଶ୍ୟ ରଖି ପ୍ରେସ କାଉନସିଲ ଗଠନ ହୋଇଥିଲା ତାହାକୁ ଲକ୍ଷ୍ୟ ରଖି ମୁକ୍ତ ଏବଂ ଦାୟିତ୍ୱବାନ ସାମ୍ବାଦିକ ଆବଶ୍ୟକ ରହିଥିବା କୁହାଯାଉଛି। ଇଟିଭି ଭାରତର ବରିଷ୍ଠ ସାମ୍ବାଦିକ ସମୀର କୁମାର ଆଚାର୍ଯ୍ୟ ଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଓଟିଭି ର ବ୍ୟୁରୋ ଚିଫ୍ ତଥା ବ୍ରହ୍ମପୁର ପ୍ରେସ କ୍ଲବର ସଭାପତି ଅଶୋକ କୁମାର ବ୍ରହ୍ମା , ବ୍ରହ୍ମପୁର ପ୍ରେସ କ୍ଲବର ପୂର୍ବତନ ସଭାପତି ଗୋପାଳ ପଟ୍ଟନାୟକ , ବରିଷ୍ଠ ସାମ୍ବାଦିକ ତଥା ସକାଳ ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ ,ନାରାୟଣ ମହାଙ୍କୁଡ , ବିଶ୍ୱାସ ସଙ୍ଗଠନର ମୁଖ୍ୟ ଶଙ୍କର ଗୋ ସ୍ୱାମୀ ଏବଂ ପ୍ରେସ କ୍ଲବର କୋଷାଧକ୍ଷ ଶିବ ନାରାୟଣ ପଣ୍ଡା ପ୍ରମୁଖ ମଞ୍ଚାସୀନ ରହିଥିଲେ , ଏହା ସହିତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଗଣମାଧମ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ ମାନେ ଉପସ୍ଥିତ ରହିଥିଲେ।

ସୋମବାର ୧୭ ନଭେମ୍ବର ୨୦୨୫ ବର୍ଷ - ୨୮ , ଅଙ୍କ-୧୧ , ପୃଷ୍ଠା -୦୭

# ପଦ୍ମଗନ୍ଧା

ଚିତ୍ରା ରାଣୀ ପାତ୍ର | ବାଲେଶ୍ୱର

ପଦ୍ମଗନ୍ଧା ତୁମେ ମହ ମହ ବାସ
ଚାଲି ମରାଳ ଗାମିନୀ,
କି ଉପମା ଦେବି ଭାଷା ନାହିଁ ମୁଖେ
ତୁମେତ ଶୋଭା-ବର୍ଦ୍ଧିନୀ। (୧)।।

କଥା ଯେବେ କୁହ ଫୁଲ ଯାଏ ଫୁଟି
ଓଠ ଧାରେ ସ୍ମିତ ହସ,
ରୂପର -ପସରା ଦେଖିଦେଲେ ଥରେ
କ୍ଷଣିକେ ହୋଇବେ ବଶ।(୨)।।

କ୍ଷଣିକ ରାଗିଲେ କ୍ଷଣିକେ ଭାଙ୍ଗିବି
ଅତି କୋମଳୟେ ହୃଦ,
କିଦେଇ ଗଢ଼ିଲା ବିଧାତା ତୁମକୁ
କିବା ଦେଇଦେଲା ଗଦ।(୩)।।

କେତେବେଳେ ତୁମେ କର୍ପୂର କର୍ପୂର
ବାସୁଥାଅ ଦୂରେ ଥାଇ,
ଗଜ-ଗାମିନୀବି ଲାଗ ବେଳେବେଳେ
ନାସାକୁ ଦିଅ ଫୁଲାଇ।(୪)।।

କୁନ୍ଦଦନ୍ତୀ ତୁମେ ହସିଲେ ସତରେ
ଭାରି ଭଲ ଦିଶୁଥାଅ,
ତିଳଫୁଲ ପରି ନାସାଟି ତୁମର
ଋଷି ,ମନ ମୋହିନିଅ। (୫)।।

ମର୍ତ୍ତ୍ୟ -ମଣ୍ଡଳରେ ଅଛିକେ ସୁନ୍ଦରୀ
ତୁମସାଥେ ସରି ହେବ,
ରୂପର ବିଭବ ଭରିଛି ସର୍ବାଙ୍ଗେ
ତୁଳନା କାହାର ହେବ?। (୬)।।

# ରାଧା ନାମ କଳଙ୍କିତ

ସୀତାଂଶୁ ଜେନା | ଓଡିଶା

କି ସୃଜନ ବଂଶୀ କାନରେ ଫୁଙ୍କିଲ
ରାଧା ହେଲା କଳଙ୍କିନୀ
କଳଙ୍କର ଟିପା ମଥାରେ ପିନ୍ଧିଲା
ହେଲା ଛାର ଅଭାଗିନୀ
କୁଳଟା ବୋଲିତ ଡିଣ୍ଡିମ ପଡିଲା
କେ କହିଲା ଦୋଚାରୁଣୀ
କି ସୃଜନ ବଂଶୀ କାନରେ ଫୁଙ୍କିଲ
ରାଧା ହେଲା କଳଙ୍କିନୀ................

କେ ବୁଝିବ କୁହ ରାଧା ଆହ୍ଲାଦିନୀ
କୃଷ୍ଣର ବାଣ୍ମୟ ରୂପ
ଯେଉଁ ନାମ ପାଇଁ ଇନ୍ଦ୍ରାଦି ଦେବତା
କରୁଥାନ୍ତି ମନେ ଜପ
ସେ ନାମରେ ଅଛି କେଉଁ ମଧୁରତା
କୁହ ଆଗୋ ବେଣୁପାଣି
କି ସୃଜନ ବଂଶୀ କାନରେ ଫୁଙ୍କିଲ
ରାଧା ହେଲା କଳଙ୍କିନୀ................

ରାଧା ପରା ଅଟେ ଭକତିର ଧାରା
ରାଧା ନାମ କଳଙ୍କିତ
କେମିତି ସହିବି ଏ କଦର୍ଯ୍ୟ ବାକ୍ୟ
ଯଞ୍ଜୟେ ହେଲି ଭସ୍ମିଭୂତ
ସାହିପାରିଲିନି ପ୍ରଭାସ ଯଜ୍ଞରେ
ଏତେ ହିନି କପାଳିନି

ଥରଟେ ଭଜିଲେ ସେ ନାମକୁ ମନ
ମୁକତି ହୋଇବ ପ୍ରାଣୀ
କି ସୃଜନ ବଂଶୀ କାନରେ ଫୁଙ୍କିଲ
ରାଧା ହେଲା କଳଙ୍କିନୀ.....

# "ଶୁଭ ସକାଳ"

ହେମନ୍ତ କୁମାର ସାହୁ | ମାହାଙ୍ଗା

ଜଗତର ମଙ୍ଗଳ ହେଉ ଆନନ୍ଦେକବାର ହରିବୋଲ।
ରବିବାର ଗଲା ସୋମବାର ହେଲା
ରାତି ପାହି ହେଲା ସକାଳ
ନିତ୍ୟ କର୍ମ ସାରି ଆଗ ଯାଇକରି
ପିତାମାତା ପାଦ ପଖାଳ।
ପ୍ରଭୁ ଭୋଳାନାଥ ସାହା ହୋଇବେଟି
ମନରେ ଭକତି ଥିଲେ
ଆଜିର ଦିନଟି ଭଲରେ କଟିବ
ଭାବ ରଖିଥାଅ ଭଲେ।
*****
ମଣିଷ ପକ୍ଷରେ ଅସମ୍ଭବ ବୋଲି
କିଛି ନାହିଁ ଏ ବେଳରେ
ବିଜ୍ଞାନର କରାମତି ଦେଖୁଅଛ
ସବୁକିଛି କରିପାରେ।
ବିଜ୍ଞାନ ବଳରେ ସବୁ ତ ସମ୍ଭବ
ଅଚିରେ ହେଉଛି କାର୍ଯ୍ୟ
ମଣିଷର ବୁଦ୍ଧି ଏତେ ଯେ ପ୍ରଖର
ବୁଦ୍ଧି ବଳେ ସବୁ ସାଧ୍ୟ।
ଚନ୍ଦ୍ର ପୃଷ୍ଠେ ଯିଏ ପତାକା ମାରୁଛି
ସମୁଦ୍ରରେ ବୁଡୁଅଛି
ଦୂର ସ୍ଥାନେ ବସି ରାଡାର ମାଧ୍ୟମେ
ସବୁ କିଛି ଦେଖୁଅଛି।
ସି ସି କ୍ୟାମେରାରେ ସହର ବଜାର
ଘଟଣା ପାରୁଛି ଦେଖି
ଯୁଦ୍ଧର ଘଟଣା ପ୍ରତକ୍ଷେ ଦେଖୁଛ
ତାହା ନ ପାରୁଛି ଲେଖି।
ଟେଷ୍ଟ ଟ୍ୟୁବ ଦ୍ୱାରା ମଣିଷ ରଖୁଛି
ଜୀବିତ ଯେ କିଛି ଦିନ
ଧନ୍ୟ ସେ ମଣିଷ ଧନ୍ୟ ତାର ବୁଦ୍ଧି
ଖଞ୍ଜିଛନ୍ତି ଭଗବାନ।

# ତୁମ କୃପା ବଳେ

କାହ୍ନୁ ଚରଣ ପାଣିଗ୍ରାହୀ | ସତ୍ୟବିହାର ରସୁଲଗଡ଼,ଭୁବନେଶ୍ୱର

ଜଗତର ବନ୍ଧୁ ଜଗତ ଠାକୁର
ଶ୍ରୀକ୍ଷେତ୍ରରେ ତୁମେ ରାଜା
ଏ ସାରା ବ୍ରହ୍ମାଣ୍ଡ ଏ ଜୀବ ଜଗତ
ସବୁତ ତୁମରି ପ୍ରଜା

ଦୟାମୟ ତୁମେ କରୁଣା ସାଗର
ଆଦି ଅନ୍ତ ତୁମ ନାହିଁ
ତୁମରି କୃପାରେ ଏ ଜଗତ ଚଳେ
ଦୟାବନ୍ତ ଦୁଃଖୀ ସାଇଁ ।

ଭକତ ପ୍ରେମରେ ବନ୍ଧା ମହାପ୍ରଭୁ
ଭକ୍ତ ତୋ ଜୀବନ ଧନ
ତା' ପାଇଁ ଆଖିରେ ପଲକ ପଡେନା
ଭକ୍ତ ତୋ ହୃଦ ଚନ୍ଦନ

ତୋ ଚକା ଆଖିରେ ଆଖି ମୋ ମିଶିଲେ
ଆଖିରେ ଆଖିଏ ଲୁହ,
ସେ ଲୁହ ବିନ୍ଦୁରେ ଛଳଛଳ ହୁଏ
ତୋହରି ସୁନ୍ଦର ମୁହଁ

ତୁମ ଇଚ୍ଛାମତେ ଚାଲିଛି ଜଗତେ
ଯେଉଁ ଆଡେ ନେବ ନିଅ,
ଏତିକି ମାଗୁଣି ଜୀବନ ରାସ୍ତାରେ
ପାଖେ ପାଖେ ରହିଥାଅ ।

ଯେତିକି ଦେଇଛ ସେତିକିରେ ଶାନ୍ତି
କରିନି ଅଧିକ ଆଶା,
ତୁମ କୃପାବଳେ ମେଣ୍ଟୁଅଛି ପ୍ରଭୁ
ମନରେ ଥିବା ମୋ ତୃଷା ।

ରାଜସୁଖ ମୋର ଲୋଡା ନାହିଁ ପ୍ରଭୁ
ତୁମ ଆଶୀର୍ବାଦ ଥାଉ,
ତୁମନାମ ସଦା ତୁଣ୍ଡେ ନେଉଥାଏ
ଦିନ ମୋର ସରିଯାଉ ।

ତୁମକୁ ଭରସା ମନେ ରଖି ଆଶା
ବାଟ ଚାଲୁଥାଏ ନିତି
ଦୟା ରଖିଥାଅ ଦୟାର ସାଗର
ଶରଣାଗତଟି ପ୍ରତି

ହେ କଳା ସାଆନ୍ତ ଅନାଦି ଅନନ୍ତ
ତୁମେ ଅଟ ପରଂବ୍ରହ୍ମ
ଯୋଡ ହସ୍ତେ ମୁହିଁ କରେ ନିବେଦନ
ପ୍ରଣାମ ହେ ଦାରୁବ୍ରହ୍ମ

# ନୂତନ ଭାରତର ସ୍ଥିତି

କିଛିବର୍ଷ ପୂର୍ବେ ନୀତି ଆୟୋଗ କହିଥିଲେ, ଭାରତର ର୍‌ୟାଙ୍କ ସୂଚିତ ହୋଇଥିବା ସମସ୍ତ ଅଣତିରିଶ(ପରବର୍ତ୍ତୀ ସମୟରେ ୩୨ ହୋଇଛି) ବିଶ୍ୱ ସୂଚକାଙ୍କ ପାଇଁ ଗୋଟିଏ ଏକକ, ସୂଚନାପ୍ରଦାନକାରୀ ବୋର୍ଡ ପ୍ରସ୍ତୁତ କରିବେ। ଏହି ନିରୀକ୍ଷଣ କାର୍ଯ୍ୟ କେବଳ ସ୍ଥାନାଙ୍କରେ ଉନ୍ନତି ପାଇଁ ନୁହେଁ ବରଂ ବ୍ୟବସ୍ଥାରେ ଉନ୍ନତି ଓ ସଂସ୍କାର ଦ୍ୱାରା ନିବେଶକୁ ଆକର୍ଷିତ କରିବା ତଥା ବିଶ୍ୱସ୍ତରରେ ଭାରତର ଦୃଷ୍ଟିକୋଣର ବିକାଶ ସକାଶେ ଉଦ୍ଦିଷ୍ଟ ଥିଲା।କିନ୍ତୁ ଏହା ଘଟିଲା ନାହିଁ। ମୋର ଏକ ପୁସ୍ତକରେ, ୨୦୧୪ ତୁଳନାରେ ଭାରତର ସ୍ଥିତି ଏବେ କେଉଁଠି ଅଛି ତାହା ତୁଳନା କରିବା ପାଇଁ ମୁଁ ଚାରି ଡଜନରୁ ଅଧିକ ବିଶ୍ୱ ସୂଚକାଙ୍କ ଉପରେ ଅନୁଧାନ କରିଥିଲି। ତେବେ ଦେଶର ସ୍ଥିତି ସମ୍ପର୍କରେ ଜାଣିବା ଅତ୍ୟନ୍ତ ଶିକ୍ଷଣୀୟ। ଆସନ୍ତୁ ସେହି ସୂଚକାଙ୍କଗୁଡ଼ିକୁ ଦେଖିବା। ମାନବ ବିକାଶ ସୂଚକାଙ୍କରେ, ୨୦୧୪ରେ ଭାରତର ସ୍ଥାନ ଥିଲା ୧୩୦ ଏବଂ ଆଜି ତାହା ଅପରିବର୍ତ୍ତିତ ଅଛି। ଜାତିସଂଘ ରିପୋର୍ଟରେ କୁହାଯାଇଛି, ଅସମାନତା ଭାରତର ମାନବ ବିକାଶ ସୂଚକାଙ୍କକୁ ୩୦.୭% ହ୍ରାସ କରିଛି, ଯାହା ଦେଶର ସବୁଠୁ ବଡ଼ କ୍ଷତି। ଅନ୍ୟପଟେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଅସମାନତାରେ ଉନ୍ନତି ଘଟିଥିବାବେଳେ ଆୟ ଏବଂ ଲିଙ୍ଗଗତ ବୈଷମ୍ୟ ଅତ୍ୟଧିକ ରହିଛି। ସିଭିକସ୍ ମନିଟର ଦର୍ଶାଇଛି, ଭାରତର 'ଅବରୋଧିତ' ନାଗରିକ ସୁଯୋଗ ଏବେ 'ଦମିତ' ହୋଇ ରହିଛି। ଏହା ବ୍ୟତୀତ କୁହାଯାଇଛି, ବିଶ୍ୱରେ ମୋଟ ୪୯ଟି ଦେଶ ଏହି 'ଦମିତ' ବର୍ଗରେ ଅଛନ୍ତି। ଏହି ବର୍ଗରେ ଥିବା ଦେଶଗୁଡ଼ିକରେ ନାଗରିକ ସୁଯୋଗକୁ କ୍ଷମତାଧାରୀମାନେ ଅତ୍ୟଧିକ ସୀମିତ କରିଦେଇଥାନ୍ତି।

ଲୋୱି ଇନ୍‌ଷ୍ଟିଚ୍ୟୁଟ୍‌ର ଏସିଆ ପାୱାର ଇଣ୍ଡେକ୍ସ ଦୃଢ଼ ଶକ୍ତିର ମୂଲ୍ୟାଙ୍କନ କରିଥାଏ। ଏଥିରେ ଭାରତର ସ୍କୋର ବା ପ୍ରାପ୍ତାଙ୍କ ୪୧.୫ରୁ ୩୯.୧କୁ ଖସି ଆସିଛି, ଫଳରେ ଏହା 'ପ୍ରମୁଖ ଶକ୍ତି' ମାନ୍ୟତା ହରାଇଛି। ଫ୍ରିଡମ୍ ହାଉସ୍‌ର ଫ୍ରିଡମ୍ ଇନ୍ ଦି ୱାଲର୍ଡ ବିଶେଷକରି ଆଇନର ଶାସନ, ଶାନ୍ତିପୂର୍ଣ୍ଣ ରାଜନୈତିକ ସହାବସ୍ଥାନ ଓ ନିର୍ବାଚନ, ସରକାରଙ୍କ କାର୍ଯ୍ୟଦକ୍ଷତା, ନାଗରିକ ସ୍ୱାଧୀନତା ଇତ୍ୟାଦିକୁ ଅନୁଧାନ କରିଥାଏ। ୨୦୧୪ରେ ଭାରତ ଏଥିରେ ୭୭ ର୍‌ୟାଙ୍କ୍‌ରେ ଥିଲା ଓ ଏହାକୁ 'ସ୍ୱାଧୀନ' ଭାବରେ ଚିହ୍ନିତ କରାଯାଇଥିଲା। ୨୦୨୫ରେ ଏହା ୬୩କୁ ଖସି 'ଆଂଶିକ ସ୍ୱାଧୀନ' ବର୍ଗରେ ଅଛି। ଫ୍ରିଡମ୍ ହାଉସ୍ ପ୍ରକାଶ କରିଥିଲା, ଭାରତ ଏକ ବହୁଦଳୀୟ ଗଣତନ୍ତ୍ର ହୋଇଥିଲେ ମଧ୍ୟ ସରକାର ପକ୍ଷପାତପୂର୍ଣ୍ଣ ନୀତି ଏବଂ ମୁସଲିମ ଜନସଂଖ୍ୟାକୁ ପ୍ରଭାବିତ କରୁଥିବା ନିର୍ଯାତନା ବୃଦ୍ଧିକୁ ପ୍ରଶ୍ରୟ ଦେଇଛି। ୱାଲର୍ଡ ଜଷ୍ଟିସ ପ୍ରୋଜେକ୍ଟ ଆଇନର ଶାସନ ସୂଚକାଙ୍କ ପ୍ରକାଶ କରେ। ଏହା ଦେଶଗୁଡ଼ିକର ଅପରାଧ ଏବଂ ନାଗରିକ ନ୍ୟାୟ ବ୍ୟବସ୍ଥା, ମୌଳିକ ଅଧିକାର, ସରକାରୀ କ୍ଷମତା ଉପରେ ପ୍ରତିବନ୍ଧକ, ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ସରକାର, ଶୃଙ୍ଖଳା ଓ ସୁରକ୍ଷା ଏବଂ ନିୟାମକ ପ୍ରବର୍ତ୍ତନ ଅନୁଧାନ କରେ। ୨୦୧୪ରେ ଭାରତ ବିଶ୍ୱସ୍ତରରେ ୬୬ ସ୍ଥାନରେ ଥିଲା, ଏବେ ଖସି ୮୬ରେ ପହଞ୍ଚିଛି। ଜାତିସଂଘର ସ୍ଥାୟୀ ବିକାଶ ସମାଧାନ ନେଟୱର୍କର ବିଶ୍ୱ ଖୁସି ରିପୋର୍ଟ ମୋଟ ମୁଣ୍ଡପିଛା ଉତ୍ପାଦ(ଜିଡିପି), ସାମାଜିକ ସମର୍ଥନ, ସୁସ୍ଥ ଜୀବନ ଆଶା, ଜୀବନ ପାଇଁ ପସନ୍ଦ କରିବାର ସ୍ୱାଧୀନତା, ସହାନୁଭୂତି, ଦୁର୍ନୀତି ଓ ଅନ୍ୟାୟ ଅତ୍ୟାଚାରର ଅବଧାରଣା ଉପରେ ଅନୁଧାନ କରିଥାଏ। ଏଥିରେ ଭାରତ ୨୦୧୪ରେ ୧୧୧ସ୍ଥାନରେ ଥିଲା ଏବଂ ଏବେ ୧୧୮କୁ ଖସିଛି। ରିପୋର୍ଟର୍ସ ୱିଦାଉଟ ବର୍ଡରର ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ଭାରତ ୨୦୧୪ରେ ୧୪୦ ସ୍ଥାନରେ ଥିଲା, ଏବେ ୧୫୧କୁ ଖସି ଆସିଛି। ଏହା ପ୍ରକାଶ କରିଛି, ସାମ୍ବାଦିକଙ୍କ ବିରୋଧରେ ହିଂସା, ଅତ୍ୟଧିକ ମାଲିକାନାକୈନ୍ଦ୍ରିକ ଗଣମାଧ୍ୟମ ଏବଂ ରାଜନୈତିକ ବୁଝାମଣା ଯୋଗୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ଗଣମାଧ୍ୟମ ସ୍ୱାଧୀନତା ସଙ୍କଟରେ ଅଛି। କାଟୋ ସଂସ୍ଥାର ମାନବ ସ୍ୱାଧୀନତା ସୂଚକାଙ୍କରେ ଭାରତ ୮୭ (୨୦୧୪ରେ) ସ୍ଥାନରୁ ଏବେ ୧୧୦କୁ ଖସି ଆସିଛି। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ବିଶ୍ୱ ଲିଙ୍ଗଗତ ପ୍ରଭେଦ ସୂଚକାଙ୍କରେ, ଭାରତ ୨୦୧୪ରେ ୧୧୪ ସ୍ଥାନରୁ ଖସି ୧୩୧ରେ ପହଞ୍ଚିଛି। ୨୦୨୫ରେ ସଂସଦରେ ମହିଳା ପ୍ରତିନିଧିତ୍ୱ ୧୪.୭%ରୁ ୧୩.୮%କୁ ହ୍ରାସପାଇଛି। ସେହିପରି, ମନ୍ତ୍ରୀ ଭାବେ ମହିଳାମାନଙ୍କ ଶେୟାର ୬.୫%ରୁ ୫.୬%କୁ ହ୍ରାସ ଘଟିଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ଗ୍ଲୋବାଲ କରପ୍‌ସନ ପରସେପ୍ସନ ସୂଚକାଙ୍କ ବିଷୟରେ ପୂର୍ବରୁ ଭାରତର ଗଣମାଧ୍ୟମରେ ନିୟମିତ ଭାବେ ରିପୋର୍ଟ ପ୍ରକାଶ ପାଉଥିଲା, କିନ୍ତୁ ଏବେ ତାହା ଘଟୁନାହିଁ। ଏଥିରେ ଭାରତ ୮୫ (୨୦୧୪ରେ)ସ୍ଥାନରୁ ଖସିଆସି ୯୬ରେ ରହିଛି।

# ଶଶୁରଘର

ଯାଇଥିଲି ଆଜି ଶଶୁରଘର
ଶାଳୀମାନଙ୍କର ଭାରି ଆଦର

ଦୁଆର ଦାଣ୍ଡରୁ ପାଛୋଟି ନେଇ
ଉଚ୍ଚ ଆସନରେ ଦେଲେ ବସାଇ

ସାନ ଶାଳୀମୋର ଭାରି ଆଦରୀ
ଗୋଡ଼ ଧୋଇବାକୁ ଗଲା ପାସୋରି

ମଝିଆ ଶାଳୀଟି କନକନିଆ
ମୁଣ୍ଡିଆ ମାରିବ ହେଲା ଛାନିଆ

ଶଳାଟି ମୋହର ନଥିଲା ଘରେ
ଶଳା ଭାଉଜଟି ଜାବୁଡ଼ି ଧରେ

ଶାଶୁ ଆଣିଦେଲେ ସଲପ ରସ
ଶଶୁର କହିଲେ ମୋ ପାଖେବସ

ଶାଳୀମାନେ ହେଲେ ଫୁସୁରୁ ଫାସ
ଭାଉଜ ହୁଅନ୍ତି ଖସର ଖସ

ପିଇକି ସଲପ ଉଡ଼ିଲା ହୋସ
ଦେଖି ସଭିଙ୍କର ଝରିଲା ହସ

ପଡ଼ିଥିଲା ପାଖେ ସାରୁ ଦୁଇଟି
କାମୁଡ଼ିଲି ଭାବି କନ୍ଦମୂଳଟି

ଶାଳୀ ପଛପଟୁ ଧରି କୁଣ୍ଢେଇ
କଳବଳ ହେଲି ପାଟି କୁଣ୍ଡେଇ

ଘରଣୀ ଆସିଲା ଝାଡୁଟି ଧରି
ଧୋଇଦେଇଗଲା ଅଡୁଆ କରି

ଆଉଁଷି ହେଲିମୁଁ ଜାଗା ଅଜାଗା
ଶାଶୁ କହିଦେଲେ ମୋତେ ଅଭାଗା

ଏକ ନିଶ୍ୱାସରେ ଆସିଲି ଧାଇଁ
ଆଉ ଶାଶୁଘର ନଯିବି ମୁହିଁ
***

ଦିଗମ୍ବର ବେହେରା
ରସଲପୁର,ଭୋଗରାଇ,ବାଲେଶ୍ୱର
ମୋ- ୯୭୭୬୪୫୬୪୮୭

ସୋମବାର ୧୭ ନଭେମ୍ବର ୨୦୨୫ ବର୍ଷ - ୨୮ , ଅଙ୍କ-୧୧ , ପୃଷ୍ଠା -୦୮

## ଇଡେନ ପିଚ ବିବାଦ: ଗାଙ୍ଗୁଲି, ଗମ୍ଭୀର କ୍ୟୁରେଟରଙ୍କୁ ଦେଲେନି ଦୋଷ



ଇଡେନଗାର୍ଡେନରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ପ୍ରଥମ କ୍ରିକେଟ ଟେଷ୍ଟ ମାତ୍ର ୩ ଦିନରେ ଶେଷ ହୋଇଯାଇଛି । ଦକ୍ଷିଣ ଆଫ୍ରିକା ଏଥିରେ ଭାରତକୁ ପରାଜିତ କରିଛି । ମ୍ୟାଚ ପରେ ପିଚକୁ ନେଇ ବିବାଦ ସୃଷ୍ଟି ହୋଇଛି । ସିଏବି ସଭାପତି ସୌରଭ ଗାଙ୍ଗୁଲି ଏହି ବିବାଦରେ ପିଚ କ୍ୟୁରେଟରଙ୍କ ଦୋଷ ନାହିଁ ବୋଲି କହିଛନ୍ତି । ସୁଜାନ ମୂର୍ଖାଜୀଙ୍କୁ ଯେଉଁ ଭଳି ପିଚ ପ୍ରସ୍ତୁତ କରିବାକୁ କୁହାଯାଇଥିଲା ତାହା ସେ କରିଛନ୍ତି । ଟିମ ମ୍ୟାନେଜମେଂଟକୁ ତାଙ୍କ ମନ ପସନ୍ଦର ପିଚ ପ୍ରସ୍ତୁତ କରି ଦିଆଯାଇଥିଲା । ୪ ଦିନ ଧରି ପିଚରେ ପାଣି ନ ଦେବା ପାଇଁ ମଧ ନିର୍ଦ୍ଦେଶ ଦିଆ ଯାଇଥିଲା ବୋଲି ଗାଙ୍ଗୁଲି କହିଛନ୍ତି ।ଭାରତ ୧୨୪ ରନର ଟାର୍ଗେଟକୁ ପିଛା କରି ୯୩ ରନରେ ଅଲଆଉଟ ହୋଇ ଯାଇଥିଲା । ଟିମ ଇଣ୍ଡିଆର କୋଚ ଗୌତମ ଗମ୍ଭୀର ମଧ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଆମେ ଯେଉଁ ଭଳି ପିଚ ମାଗିଥିଲୁ ତାହା ମିଳିଛି । ବ୍ୟାଟ୍ସମ୍ୟାନଙ୍କ ବିଫଳତା ଆମ ପରାଜୟର କାରଣ ବୋଲି ଗମ୍ଭୀର ଖୋଲାଖୋଲି ଭାବେ କହିଛନ୍ତି । ଦ୍ୱିତୀୟ ଇନିଂସରେ ଶୁଭମନ ଗିଲ ବ୍ୟାଟିଂ କରିବାକୁ ନ ଆସିବା ଏବଂ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଧୈର୍ଯ୍ୟ ନ ରହିବା ପରାଜୟର କାରଣ ଭାବେ ବିବେଚନା କରାଯାଉଛି । ଟେମ୍ବା ବାଭୁମାଙ୍କ ୫୫ ରନ ଦକ୍ଷିଣ ଆଫ୍ରିକା ପାଇଁ ବରଦାନ ସାବ୍ୟସ୍ତ ହୋଇଥିଲା । ୨ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ୧-୦ର ଅଗ୍ରଣୀ ହାସଲ କରିଛି ।

## ଆଇପିଏଲ୍ ୨୦୨୬: ଜାଡ଼େଜାଙ୍କୁ ବଦଳ କଲା ସିଏସ୍‌କେ



ଚଳିତ ମାସ ୨୭ ତାରିଖରେ ନୂଆଦିଲ୍ଲୀରେ ଆଇପିଏଲ୍ ୨୦୨୬ ଲାଗି ମିନି ନିଲାମ କରାଯିବ। ଏଥିଲାଗି ଫ୍ରାଞ୍ଚାଇଜ୍ମାନଙ୍କୁ ଖେଳାଳି ରଖିବା, ଛାଡ଼ିବା ଓ ଟ୍ରେଡ୍ କରିବା ପ୍ରକ୍ରିୟା ଶନିବାର ଶେଷ ହୋଇଛି। ପ୍ରତ୍ୟେକ ଦଳ ଛାଡ଼ିଥିବା ଓ ରଖିଥିବା ଖେଳାଳିଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ କରିଛନ୍ତି। କିଛି ଦଳ ପସନ୍ଦର ଖେଳାଳି ରଖିବା ଲାଗି ଏହା ଭିତରେ ଅନ୍ୟ ଦଳ ସହ ଟ୍ରେଡ୍ ଜରିଆରେ ଖେଳାଳି ଅଦଳବଦଳ କରିଛନ୍ତି।୩ଥର ବିଜେତା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍କେ) ଟ୍ରେଡ୍ ଜରିଆରେ ଅଲ୍ରାଉଣ୍ଡର ରବୀନ୍ଦ୍ର ଜାଡ଼େଜାଙ୍କ ବଦଳରେ ରାଜସ୍ଥାନ ରୟାଲ୍ସର ୱିକେଟ୍ରକ୍ଷକ ସଞ୍ଜୁ ସାମ୍ସନ୍ଙ୍କୁ ନେଇଛି। ଏହି ଦୁହିଁଙ୍କ ବାଦ୍ ନୀତୀଶ ରାଣା (ଦିଲ୍ଲୀ କ୍ୟାପିଟାଲ୍ସ), ଶାର୍ଦ୍ଦୁଲ ଠାକୁର (ମୁମ୍ବାଇ ଇଣ୍ଡିଆନ୍ସ) ଓ ମହମ୍ମଦ ସାମି (ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ)ଙ୍କ ଭଳି ଆଉ କିଛି ତାରକା ଖେଳାଳିଙ୍କୁ ଅଦଳବଦଳ କରାଯାଇଛି। ଦଳଗୁଡ଼ିକ ଛାଡ଼ିଥିବା ଖେଳାଳିସିଏସ୍କେ: ରାହୁଲ ତ୍ରିପାଠୀ, ବଂଶ ବେଦୀ, ସି ଆନ୍ଦ୍ରେ ସିଦ୍ଧାର୍ଥ, ରାଚିନ ରବୀନ୍ଦ୍ର, ଡେଭନ କନୱେ, ସାମ କରନ (ଟ୍ରେଡ୍), ରବୀନ୍ଦ୍ର ଜାଡ଼େଜା (ଟ୍ରେଡ୍), ଦୀପକ ହୁଡ଼ା, ବିଜୟ ଶଙ୍କର, ସେକ୍ ରସିଦ, କମଲେଶ ନାଗରକୋଟି, ମଥୀଶା ପଥିରଣା।ଦିଲ୍ଲୀ କ୍ୟାପିଟାଲ୍ସ: ଫାଫ୍ ଡୁ'ପ୍ଲେସିସ୍, ଜେକ୍ ଫ୍ରେଜର-ମ୍ୟାକ୍ଗର୍କ, ଡୋନୋଭାନ ଫେରିଇରା (ଟ୍ରେଡ୍), ସେଦିକୁଲ୍ଲା ଅଟଳ, ମନବନ୍ତ କୁମାର, ମୋହିତ ଶର୍ମା, ଦର୍ଶନ ନଲଖଣ୍ଡେ।ଗୁଜରାଟ ଟାଇଟାନ୍ସ: ସେର୍ଫାନେ ରଦରଫୋର୍ଡ (ଟ୍ରେଡ୍), ମହିପାଲ ଲୋମ୍ରର, କରିମ୍ ଜନତ, ଦସୁନ ଶଣକା, ଗେରାଲ୍ଡ ଗୋଏଜି, କୁଲବନ୍ତ ଖେଜ୍ରୋଲିଆକେକେଆର୍: ଆନ୍ଦ୍ରେ ରସେଲ, ଭେଙ୍କଟେଶ ଆୟର, କ୍ୱିଣ୍ଟନ ଡି'କକ୍, ମୋଇନ ଅଲୀ, ଅନ୍ରିକ୍ ନର୍ଖିୟା, ମୟଙ୍କ ମାର୍କଣ୍ଡେ (ଟ୍ରେଡ୍)।ଏଲ୍ଏସ୍ଜି: ଆର୍ଯ୍ୟନ ଜୁୟାଲ, ଡେଭିଡ ମିଲର, ଯୁବରାଜ ଚୌଧୁରୀ, ରାଜବର୍ଦ୍ଧନ ହାଙ୍ଗାରଗେକର, ଶାର୍ଦ୍ଦୁଲ ଠାକୁର (ଟ୍ରେଡ୍), ଆକାଶ ଦୀପ, ରବି ବିଷ୍ଣୋଇ, ଶାମର ଯୋଶେଫ।ମୁମ୍ବାଇ ଇଣ୍ଡିଆନ୍ସ: ସତ୍ୟନାରାୟଣ ରାଜୁ, ରିସି ଟପ୍ଲେ, କେଏଲ୍ ଶ୍ରୀଜିତ, କର୍ଣ୍ଣ ଶର୍ମା, ଅର୍ଜୁନ ତେନ୍ଦୁଲକର, ବେଭନ ଜାକବ୍ସ, ମୁଜୀବ ଉର୍ ରହମାନ, ଲାଜାର୍ଡ ୱିଲିୟମ୍ସ, ବିଘ୍ନେଶ ପୁଥୁର। ପଞ୍ଜାବ କିଙ୍ଗ୍ସ: ଗ୍ଲେନ ମ୍ୟାକ୍ସୱେଲ୍, ଜୋସ ଇଙ୍ଗଲିସ୍, ଆରୋନ ହାର୍ଡି, କୁଲଦୀପ ସେନ। ରାଜସ୍ଥାନ ରୟାଲ୍ସ: ସଞ୍ଜୁ ସାମସନ (ଟ୍ରେଡ୍), ନୀତୀଶ ରାଣା, ୱାନିନ୍ଦୁ ହସରଙ୍ଗା, ମହେଶ ତୀକ୍ଷଣା।ଆର୍ସିବି: ସ୍ୱସ୍ତିକ ଚିକାରା, ମୟଙ୍କ ଅଗ୍ରୱାଲ, ଟିମ୍ ସେଫର୍ଟ, ଲିଅମ ଲିଭିଂଷ୍ଟୋନ୍, ମନୋଜ ଭଣ୍ଡାଗେ, ଲୁଙ୍ଗି ଏନ୍ଗିଡି, ବ୍ଲେସିଂ ମୁଜରବାନି, ମୋହିତ ରାଠି।ସନ୍ରାଇଜର୍ସ ହାଇଦ୍ରାବାଦ: ମହମ୍ମଦ ସାମି (ଟ୍ରେଡ୍), ଆଡାମ ଜାମ୍ପା, ରାହୁଲ ଚହର, ୱିଆନ୍ ମୁଲଡର, ଅଭିନବ ମନୋହର, ଅଥର୍ବ ତାଇଡେ, ସଚିନ ବେବି।



# ଆଜିଠାରୁ ଭାରତରେ ବିଶ୍ୱ ବକ୍ସିଂ କପ୍ ଫାଇନାଲ୍ସ

ଆଜିଠାରୁ ଭାରତ ବିଶ୍ୱ ବକ୍ସିଂ କପ୍ ଫାଇନାଲ୍ସ ଆୟୋଜନ କରିବ। ପ୍ରତିଯୋଗିତା ଗୁରୁବାର ପର୍ଯ୍ୟନ୍ତ ଗ୍ରେଟର ନୋଏଡାର ସହିଦ ବିଜୟ ସିଂହ ପଥିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିବ। ଉଦଘାଟନୀ ସମାରୋହ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ, ଏବଂ ମୁକାବିଲାଗୁଡ଼ିକ ଅପରାହ୍ନ ୨ଟାରୁ ଆରମ୍ଭ ହୋଇଛି।ଏହା ୨୦୨୫ ବିଶ୍ୱ ବକ୍ସିଂ କପ୍ ସିରିଜର ଅନ୍ତିମ ପର୍ଯ୍ୟାୟ।୧୮ ଟି ଦେଶରୁ ପ୍ରାୟ ୧୩୦ ଜଣ ବକ୍ସର ୨୦ ଟି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ, ଯେଉଁଥିରେ ବର୍ଷର ଆଠଟି ଶ୍ରେଷ୍ଠ ବକ୍ସର ସାମିଲ ଅଛନ୍ତି।ଆୟୋଜକ ଭାରତ ସମସ୍ତ ୨୦ ଟି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବ। ମୀନାକ୍ଷୀ ହୁଡା, ନିକହତ ଜରୀନ, ଜସ୍ମିନ୍ ଲାମ୍ବୋରିଆ ଏବଂ ସ୍ୱିଟି ବୁରା ଭଳି ଶ୍ରେଷ୍ଠ ମହିଳା ବକ୍ସରମାନେ ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ। ପୁରୁଷ ବକ୍ସରମାନଙ୍କ ମଧ୍ୟରେ, ଅଭିନାଶ ଜାମୱାଲ ଏବଂ ହିତେଶ ରିଙ୍ଗକୁ ଓହ୍ଲାଇବେ।ଭାରତୀୟ ବକ୍ସିଂ ଫେଡେରେସନର ସଭାପତି ଅଜୟ ସିଂହ ପ୍ରଥମ ଥର ପାଇଁ ଭାରତରେ ଫାଇନାଲ୍ ଆୟୋଜନ କରିବାକୁ ନେଇ ଖୁସି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଦେଶର ବକ୍ସିଂ ରାଙ୍କିଂରେ ଉନ୍ନତି ହୋଇଛି ଏବଂ ସେ ଭାରତୀୟ ଦଳଠାରୁ ଭଲ ପଦକ ହାସଲ ଆଶା କରୁଛନ୍ତି।୨୦୨୩ ମସିହାରେ ବିଶ୍ୱ ଚାମ୍ପିଅନସିପ୍ ଆୟୋଜନ କରିବା ପରେ ଏହା ଘରୋଇ ମାଟିରେ ଭାରତର ପ୍ରଥମ ପ୍ରମୁଖ ଅନ୍ତର୍ଜାତୀୟ ବକ୍ସିଂ ଇଭେଣ୍ଟ। ଏହା ବିଶ୍ୱ ବକ୍ସିଂରେ ଦେଶର ବଢୁଥିବା ପ୍ରତିଷ୍ଠାକୁ ପ୍ରତିଫଳିତ କରେ।ଏହା ୨୦୨୫ ବିଶ୍ୱ ବକ୍ସିଂ କପ୍ ସିରିଜର ଅନ୍ତିମ ପର୍ଯ୍ୟାୟ। ୧୮ ଟି ଦେଶରୁ ପ୍ରାୟ ୧୩୦ ଜଣ ବକ୍ସର ୨୦ ଟି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ, ଯେଉଁଥିରେ ବର୍ଷର ଆଠଟି ଶ୍ରେଷ୍ଠ ବକ୍ସର ସାମିଲ ଅଛନ୍ତି।

## ଚତୁର୍ଥ ଜାତୀୟ ଇଏମଆରଏସ କ୍ରୀଡା ପ୍ରତିଯୋଗିତା ଉଦଯାପିତ - ତେଲେଙ୍ଗାନା ଚାମ୍ପିଅନ




ଗ୍ରାମାଞ୍ଚଳର ପିଲା ମାନଙ୍କ ପାଇଁ ଉତ୍ତମ କ୍ରୀଡା ଭିତ୍ତିଭୂମି ଯୋଗାଇ ଦେବାକୁ ରାଜ୍ୟର ପ୍ରତ୍ୟେକ ବ୍ଲକ ରେ ବିଶ୍ୱସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ କରାଯାଉଛି- ମୁଖ୍ୟମନ୍ତ୍ରୀରାଉରକେଲାରେ ଖୋଲିବ EMRS ର ଆଞ୍ଚଳିକ କାର୍ଯ୍ୟାଳୟ ପ୍ରତ୍ୟେକ ଛାତ୍ରଛାତ୍ରୀ ନିମନ୍ତେ କ୍ରୀଡାର ନିତାନ୍ତ ଆବଶ୍ୟକତା ରହିଛି ଏହା କେବଳ ଶାରୀରିକ ଶକ୍ତି ବଢାଇବା ସହିତ ଅନୁଶାସନ ଶିଖାଏ , ମନୋବଳ ବୃଦ୍ଧି କରାଏ , ଟୀମ ସ୍ପିରିଟ ବଢାଇ ଥାଏ ।ସେଥିପାଇଁ ପ୍ରତ୍ୟେକ ବ୍ଲକରେ ଷ୍ଟାଡିୟମ ର ନିର୍ମାଣ କରାଯାଉଛି । ଖେଳର ବିଶ୍ୱ ସ୍ତରୀୟ ସୁବିଧା କେବଳ ସହରର ପିଲାଙ୍କ ମଧ୍ୟରେ ସୀମିତ ନ ରହି ଗାଁ ର ପିଲା ମାନଙ୍କୁ ମଧ ପ୍ରାପ୍ତ ହେଉ ସେଥିପାଇଁ କ୍ରୀଡା ଭିତ୍ତିଭୁମୀ ବ୍ଲକ ରେ ସୁଦୃଢ କରିବାକୁ ସରକାର ସୁନିଶ୍ଚିତ କରିଛନ୍ତି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଉରକେଲା ଠାରେ ଅନୁଷ୍ଠିତ ଚତୁର୍ଥ ଜାତୀୟ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ଯୋଗ ଦେଇ କହିଛନ୍ତି । ଆଜି ରାଉରକେଲାର ବିର୍ସା ମୁଣ୍ଡା ଆଥଲେଟିକ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ ଓଡ଼ିଶାରେ ଦେଶର ସର୍ବାଧିକ ୧୧୪ଟି EMRS ନିର୍ମାଣ ପାଇଁ ମଞ୍ଜୁର କରାଯାଇଛି, ସେଥିମଧ୍ୟରୁ ବର୍ତ୍ତମାନ ୧୭ଟି ଜିଲ୍ଲାରେ ୪୭ଟି ସ୍କୁଲ କାର୍ଯ୍ୟକ୍ଷମ ହୋଇସାରିଛି । ଏହି ବିଦ୍ୟାଳୟରେ ୧୨ ହଜାରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । EMRS ର ଏକ ଆଂଚଳିକ କାର୍ଯ୍ୟାଳୟ ରାଉରକେଲାରେ ଖୋଲାଯିବା ସଂପର୍କରେ ଘୋଷଣା କରିଥିବାରୁ ସେ କେନ୍ଦ୍ରୀୟ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ ଥିଲେ ।ଭାରତ ସରକାରଙ୍କ ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।ରାଉରକେଲା ରାଜଗାଙ୍ଗପୁର ଏବଂ ସୁନ୍ଦରଗଡଠାରେ ଚାଲିଥିବା ଏହି ଚତୁର୍ଥ ଜାତୀୟ ଇଏମଆରଏସ କ୍ରୀଡା ପ୍ରତିଯୋଗିତା ତେଲେଙ୍ଗାନା ଉଭୟ ଦଳଗତ ଓ ଏକକ ପ୍ରତିଯୋଗିତାରେ ସର୍ବାଧିକ ପଏଣ୍ଟ ରଖି ଚମ୍ପିୟାନ ହୋଇଛନ୍ତି । ମୁଖ୍ୟ ମନ୍ତ୍ରୀ ଚମ୍ପିୟାନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।ଏଥିରେ ୨୧ ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ରୁ ପ୍ରାୟ ୫୫୦୦ ପ୍ରତିଯୋଗୀ ୩ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ୩୫ ରୁ ଅଧିକ ପ୍ରତିଯୋଗୀତାରେ ଭାଗ ନେଇଥିଲେ ।ଏହି କାର୍ଯ୍ୟକ୍ରମରେ ଓଡିଶା ବିଧାନସଭାର ଉପବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ଶ୍ରୀ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଶ୍ରୀ ଦୁର୍ଗାଚରଣ ତନ୍ତୀ nest ର ଆୟୁକ୍ତ ଶ୍ରୀ ଅଜିତ ଶ୍ରୀବାସ୍ତବ , ଆନ୍ତର୍ଜାତୀୟ ଧାବକ ଦୂତି ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବି. ପରମେଶ୍ୱରନ୍ ସ୍ୱାଗତ ଭାଷଣ ଦେଇଥିଲେ। ସୁନ୍ଦରଗଡ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଅସୁସ୍ଥ ହେବା ପୂର୍ବରୁ ଅନୁଭବଙ୍କ ଅଭିନୀତ ସିନେମାର ସ୍ୱର ସଂଯୋଜନା କରୁଥିଲେ ହ୍ୟୁମାନ ସାଗର



ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି ଓଲିଉଡ୍ର ଜଣାଶୁଣା ଗାୟକ ହ୍ୟୁମାନ ସାଗର। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଛି। ଏବେ ବି ଭେଣ୍ଟିଲେଟର ସହାୟତାରେ ଅଛନ୍ତି ସେ। ଏଣେ ଗତକାଲି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ହ୍ୟୁମାନ ସାଗର କେମିତ ଅଛନ୍ତି, ସେନେଇ ଜାଣିବା ପାଇଁ ଡାକ୍ତରୀ ଟିମ୍ଙ୍କ ସହିତ କଥା ହୋଇଛନ୍ତି ମୁଖ୍ୟମନ୍ତ୍ରୀ। ହ୍ୟୁମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବା ପାଇଁ ଉଦ୍ୟମ ଜାରି ରଖିବାକୁ କହିଛନ୍ତି। ଦୁଇଟି ଗୀତର ସ୍ୱର ସଂଯୋଜନା କାମ ଶେଷ କରିଥିଲେ ହ୍ୟୁମାନ ସାଗରଏଣେ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ହ୍ୟୁମାନ ସାଗର କଟକର ଏକ ଘରୋଇ ଡାକ୍ତରଖାନାରେ ପ୍ରଥମେ ଭର୍ତ୍ତି ହୋଇଥିଲେ। ଠିକ୍ ତା ପୂର୍ବରୁ ସେ ଏକ ଓଡ଼ିଆ ଛବିର ସଙ୍ଗୀତ ପ୍ରସ୍ତୁତିରେ ବ୍ୟସ୍ତ ଥିଲେ। 'ଛକି ଶୂନ'ର ମ୍ୟୁଜିକ୍ ସିଟିଂ ବି ଆରମ୍ଭ ହୋଇଥିଲା। ଏପରିକି ସେ ଉକ୍ତ ଫିଲ୍ମର ଦୁଇଟି ଗୀତର ସ୍ୱର ସଂଯୋଜନା କାମ ଶେଷ କରିଥିଲେ। ଆହୁରି ତିନିଟି ଗୀତ କାମ ବାକି ରହିଛି। ହେଲେ ହଠାତ୍ ତାଙ୍କର ଦେହ ଖରାପ ହୋଇଗଲା। ଏଠାରେ ଯେଉଁ ଓଡ଼ିଆ ସିନେମା କଥା କୁହାଯାଉଛି, ତାହା ହେଲା ଅନୁସନ୍ଧାନମୂଳକ ଥ୍ରିଲର 'ଛକି ଶୂନ'। ଏଥିରେ ପ୍ରଥମ ଥର ଲାଗି ସଙ୍ଗୀତ ନିର୍ଦ୍ଦେଶନା ଦେବାର ସୁଯୋଗ ପାଇଥିଲେ ହ୍ୟୁମାନ୍।ଆମର ମ୍ୟୁଜିକ୍ ଓ ଟୁ ନାଇନ୍ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେଉଥିବା 'ଛକି ଶୂନ'ରେ ସୁପରଷ୍ଟାର୍ ଅନୁଭବ ମହାନ୍ତି, ସମ୍ଭାବନା ମହାନ୍ତି, ଅଭିଷେକ ପଣ୍ଡା, ଦିବ୍ୟା, ଉଦିତ ଗୁରୁ, ଜିତୁ ମଙ୍ଗରାଜ ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି।କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଏହାର ପ୍ରଯୋଜନାରେ ଅଛନ୍ତି ଏସ ଏମ ଏଣ୍ଟରଟେନମେଣ୍ଟର ଶୁଭମ ମହାନ୍ତି। ଏହାର ଲେଖକ-ନିର୍ଦ୍ଦେଶକ ହେଲେ ମାନସ ପଢ଼ିଆରୀ। ଦୀପକ କୁମାର ଏହାର ସିନେମାଟୋଗ୍ରାଫର୍। ଏହାର ସହ ନିର୍ଦ୍ଦେଶକ ସ୍ମୃତି ଆର ଓ ବିଶ୍ୱଜିତ, କଳା ନିର୍ଦ୍ଦେଶକ ସୁଧାଂଶୁ ମହାନ୍ତି, ଫଟୋଗ୍ରାଫର ଆଝାର ଅଲ୍ଲୀ ଓ ଭିଏଫଏକ୍ସ ଏଡିଟର ହେଲେ ଆନନ୍ଦ। ହ୍ୟୁମାନ୍ଙ୍କହିଥିଲେପ୍ରଯୋଜନାସଂସ୍ଥା,ନିର୍ଦ୍ଦେଶକ ମାନସ ପଢ଼ିଆରୀ ଏବଂ ବିଶେଷ କରି ଅନୁଭବ ମହାନ୍ତି ସାର୍ଙ୍କ ଆଗ୍ରହକ୍ରମେ ସଙ୍ଗୀତ ନିର୍ଦ୍ଦେଶନା କ୍ଷେତ୍ରକୁ ଓହ୍ଲାଇଛି। ଆଶା ରଖିଛି, ଗାଇବା ଭଳି ଭଲ ସ୍ୱର କରି ଓଡ଼ିଶାବାସୀଙ୍କ ହୃଦୟ ଜିତିବି।ଜାତୀୟସ୍ତର ଜୁଡ଼ୋ ପ୍ରତିଯୋଗିତାରେ ଭାଗ ନେବେ ବଣ୍ଡାଘାଟିର ବଣମଲ୍ଲିଲିଭର, କିଡ୍ନି ପ୍ରଭାବିତଲିଭର୍ ଓ କିଡ୍ନି ସହିତ ହ୍ୟୁମାନ୍ଙ୍କ ବହୁ ଅଙ୍ଗ ପ୍ରଭାବିତ ହୋଇଛି। ସେ ଶ୍ୱାସକ୍ରିୟାଜନିତ ଅସୁବିଧା, ନିମୋନିଆ, ହେପାଟୋପାଥି, ଥ୍ରୋମ୍ବୋସାଇଟୋପେନିଆ ଓ କୋଆଗୁଲୋପାଥିରେ ପୀଡ଼ିତ ଅଛନ୍ତି। ତାଙ୍କୁ ଭେଣ୍ଟିଲେଟର୍ ସହାୟତାରେ ରଖାଯାଇଛି। ଏକ୍ମୋ ବିଶେଷଜ୍ଞ ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଚାଲିଛି। ଓଡ଼ିଆ ଚଳଚ୍ଚିତ୍ର ଓ ଆଲବମ୍ରେ ବହୁ ରୋମାଣ୍ଟିକ୍ ଗୀତ ଭେଟି ଦେଇଥିବା ହ୍ୟୁମାନ୍ ସାଗର ଘରେ ଘରେ ପରିଚିତ। ଏଣେ ଆଜି ହ୍ୟୁମାନ୍ ସାଗରଙ୍କ ମା କହିଛନ୍ତି, ତାର ଅଙ୍ଗ କାମ କରୁନି। ଗୋଟିଏ ପ୍ରତିଶତ ଚିକିତ୍ସା ଲାଗି ସେ ରାଜ୍ୟ ବାହାରକୁ ନେବା ଲାଗି ଚିନ୍ତା କରୁଛନ୍ତି। ଏଥିଲାଗି ରାଜ୍ୟ ସରକାର ତାଙ୍କୁ ସହାୟତା କରିବାକୁ ଆକୁଳ ନିବେଦନ କରିଛନ୍ତି।

# ପୁଣି ପୁନର୍ଜନ୍ମର କାହାଣୀ



୧୯୮୩ରେ ମୁକ୍ତିଲାଭ କରିଥିବା ଓଡ଼ିଆ ଛବି 'ସ୍ୱପ୍ନ ସାଗର' ଓଡ଼ିଆ ଦର୍ଶକଙ୍କୁ ଏକ ନୂଆ ଅନୁଭୂତି ଦେଇଥିଲା। ରାଧାନାଥ ଭଞ୍ଜଙ୍କ ପ୍ରଯୋଜିତ ତଥା ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ ମ୍ୟୁଜିକାଲ୍ ହିଟ୍ 'ସ୍ୱପ୍ନ ସାଗର'ର କାହାଣୀରେ ନାୟକ (ପ୍ରଶାନ୍ତ ନନ୍ଦ) ଓ ନାୟିକା (ମହଶ୍ୱେତା)ଙ୍କର ପୂର୍ବଜନ୍ମର କଥା ଉପସ୍ଥାପିତ ହୋଇଥିଲା।ଏ ଜନ୍ମରେ ପୂର୍ବଜନ୍ମର କଥା ହିଁ ଅବତାରଣା କରାଯାଇଥିଲା। ଏହାର ୨୦ବର୍ଷ ପରେ ୨୦୦୩ରେ ପରଦାକୁ ଆସିଥିବା ବିଭୂତି ରାଉତରାୟଙ୍କ ପ୍ରଯୋଜିତ ତଥା ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ 'ବାହୁଡ଼ିବେ ମୋ ଜଗାବଳିଆ'ରେ ବି ଦୁଇ ନାୟକ ସିଦ୍ଧାନ୍ତ ଓ ଶ୍ରୀତମ ଦାସଙ୍କ ପୂର୍ବଜନ୍ମ ବୃତ୍ତାନ୍ତ ଥିଲା। ଏହାର ୪ ବର୍ଷ ପରେ ବାଲୁଙ୍କେଶ୍ୱର ଫିଲ୍ମସ୍ ପ୍ରଯୋଜିତ ତଥା ସଞ୍ଜୀୟ ନାୟକ ଓ ମଳୟ ମିଶ୍ରଙ୍କ ନିର୍ଦ୍ଦେଶିତ 'ତୋ ପାଇଁ ନେବି ମୁଁ ଶହେ ଜନମ' (୨୦୦୭)ର କଥାବସ୍ତୁରେ ନାୟକ (ଅରିନ୍ଦମ) ଓ ନାୟିକା (ଅର୍ଚ୍ଚିତା)ଙ୍କ ଦୁଇଟି ଜନ୍ମର କଥା ପ୍ରଦର୍ଶିତ ହୋଇଥିଲା। ଏବେ ପୁଣି ପୁନର୍ଜନ୍ମ କାହାଣୀ ଉପରେ ଆଧାରିତ ଏକ ଓଡ଼ିଆ ଛବି ମୁକ୍ତି ପ୍ରତୀକ୍ଷାରେ ରହିଛି। ୟୁ.କେଙ୍କ ପ୍ରଯୋଜିତ ତଥା ନବାଗତ ରିୟାଜ୍ ଖାନ୍ଙ୍କ ନିର୍ଦ୍ଦେଶିତ 'ମୋହନଗିରି'ର କାହାଣୀରେ ପୂର୍ବଜନ୍ମର କଥା ରହିଛି। କାହାଣୀ ଅନୁଯାୟୀ, ନାୟକ ଅବସାଦଗ୍ରସ୍ତ ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥାନ୍ତି। ଡାକ୍ତରଙ୍କ ପରାମର୍ଶକ୍ରମେ ନାୟକ ଜିତ୍ (ସାର୍ଥକ) ଓ ନାୟିକା ପ୍ରିୟା (ହିରଣ୍ମୟୀ) ପ୍ରାକୃତିକ ପରିବେଷ୍ଟନୀ ଘେରା ସୁଦୂର ମୋହନଗିରିକୁ ବୁଲି ଯାଆନ୍ତି। ସେଠାରେ ଜିତ୍ଙ୍କର ପୂର୍ବଜନ୍ମ କଥା ମନେପଡ଼େ। ସେହି ଜନ୍ମରେ ଜିତ୍ ଥିଲେ ମନୁଆ ଆଉ ତାଙ୍କର ପ୍ରେମିକା ଥିଲେ ତିତ୍ଲି (ଅର୍ଲିନ୍ ଅଙ୍କିତା)। ମନୁଆ ଆଦିବାସୀ ଯୁବକ, ଆଉ ତିତ୍ଲି ଆଦିବାସୀ ହେଲେ ବି ଉଚ୍ଚ ଜାତିର। ଉଭୟଙ୍କ ଭିତରେ ପ୍ରେମ ସଂପର୍କ ଗଢ଼ିଉଠେ। ତେଣେ ଖଳନାୟକ (ଗାଁ ମୁଖିଆ)ର ଭାଇ (ଅଭିନେତା ଦେବ୍) ତିତ୍ଲିକୁ ବାହା ହେବାକୁ ଚାହେ। ସେଥିରେ ସେ ସଫଳ ହୁଏନା। ଏଣେ ଗାଁ ଲୋକେ ବି ମନୁଆ-ତିତ୍ଲିଙ୍କ ପ୍ରେମକୁ ବିରୋଧ କରନ୍ତି। ଅବଶେଷରେ ମୁଖିଆ ଭାଇର ଚକ୍ରାନ୍ତରେ ପ୍ରେମୀଯୁଗଳଙ୍କୁ ଜୀବନ୍ତ ଜଳାଇ ଦିଆଯାଏ। ମୋହନଗିରିରେ ଏସବୁ ମନେପଡ଼ିବା ପରେ ନାୟକ ହତ୍ୟାର ପ୍ରତିଶୋଧ ନେଇପାରେ କି? ଏହା ଫିଲ୍ମର କ୍ଲାଇମାକ୍ସେ ଦେଖିବାକୁ ମିଳିଛି ।'ମୋହନଗିରି'ରେ ଚୌଧୁରୀ ବିକାଶ ଦାସ ତିତ୍ଲିର ବାପା ଭୂମିକାରେ ଥିବା ବେଳେ ଗାଁ ମୁଖିଆ ଭୂମିକାରେ ପ୍ରଶାନ୍ତ ପାତ୍ର ଅଭିନୟ କରିଛନ୍ତି। ବରିଷ୍ଠ ଅଭିନେତ୍ରୀ ଉଷସୀ ମିଶ୍ରଙ୍କୁ ନାୟକ ମନୁଆ (ସାର୍ଥକ)ର ମାଆ ଚରିତ୍ରରେ ଦେଖିବାକୁ ପାଇବେ ଦର୍ଶକ। ଏନ୍ଏସ୍ଡିପଢୁଆ ନିର୍ଦ୍ଦେଶକ ରିୟାଜ୍ଙ୍କ 'ମୋହନଗିରି' ପୂର୍ବ ତିନିଟି ଛବି ଭଳି ଲୋକପ୍ରିୟତା ସାଉଁଟି ପାରୁଛି କି ନାହିଁ, ଫିଲ୍ମ ରିଲିଜ୍ ହେବାପରେ ଜଣାପଡ଼ିବ।

## ଚର୍ଚ୍ଚାରେ ଫାତିମା ସେନା ଶେଖ- ବିଜୟ ବର୍ମା



ଫାତିମା ସେନା ଶେଖ ଏବଂ ବିଜୟ ବର୍ମା ସେମାନଙ୍କ ଫିଲ୍ମ 'ଗୁସ୍ତାଖ୍ ଇସ୍କ' ପାଇଁ ଚର୍ଚ୍ଚାରେ ରହିଛନ୍ତି । ଫିଲ୍ମ ରିଲିଜ୍ ହେବା ପୂର୍ବରୁ ଷ୍ଟାର୍ କାଷ୍ଟ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଛନ୍ତି । ଫ୍ୟାନ୍ସ ସେମାନଙ୍କର କେମେଷ୍ଟ୍ରିକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଯାହା ଏବେ ସୋସିଆଲ ମିଡିଆରେ ଭାଇରଲ ହେଉଛି ।କୋଷ୍ଟାରଙ୍କ ସହ ହାତକୁ ହାତ ଛନ୍ଦି ଫାତିମା ରୋମାଣ୍ଟିକ୍ ପୋଜ ଦେଇଥିବାର ଏହି ଭାଇରଲ ହୋଇଥିବା ପୋଷ୍ଟରେ ଦେଖିବାକୁ ମିଳୁଛି । ଯୋଡ଼ିଙ୍କ ଗେଟଅପକୁ ମଧ ଫ୍ୟାନ୍ସ ପ୍ରଶଂସା କରିଛନ୍ତି । ସେମାନଙ୍କ ଯୋଡ଼ି ଖୁବ୍ ଲୋକପ୍ରିୟତା ହାସଲ କରିଛି ।ଯଦି ସେମାନଙ୍କର ଆଉଟଫିଟ୍ କଥା କୁହାଯାଏ ତେବେ ଫାତିମା ସନା ଶେଖଙ୍କୁ କ୍ରିମ୍ କଲରର ଡିଜାଇନ୍ ଶାଢୀ ସହିତ ଲାଭେଣ୍ଡର କଲରର ବ୍ଲାଉଜରେ ନଜର ଆସିଥିଲେ । ଏଥିସହ ସେ ଖୋଲାକେଶ, ଚେନ୍ ଇୟରରବଲ୍ସ ଏବଂ ଏକ ଷ୍ଟେଟମେଣ୍ଟ ରିଙ୍ଗ ସହିତ ତାଙ୍କ ଲୁକକୁ କମ୍ପ୍ଲିଟ୍ କରିଥିଲେ । ତାଙ୍କର ମେକଅପ୍ ଏବଂ ଆସେସୋରିଜର ଷ୍ଟାଇଲ ମଧ୍ ଚମତ୍କାର ଥିଲା । ଯାହା ପ୍ରଶଂସକମାନଙ୍କୁ ଖୁବ୍ ପସନ୍ଦ ଆସିଥିଲା । ସେହିପରି ଭାବେ ବିଜୟ ବର୍ମାଙ୍କୁ ଟ୍ରାଡିସନାଲ କମ୍ ମର୍ଡନ ଆଉଟଫିଟରେ ଖୁବ୍ ଚମତ୍କାର ଦିଶୁଥିଲେ ।ଆପଣଙ୍କୁ ଜଣାଇ ରଖୁଛୁ ଯେ ଏହି ଫିଲ୍ମଟି ନଭେମ୍ବର ୨୮ ତାରିଖରେ ଫିଲ୍ମ ହଲରେ ମୁକ୍ତିଲାଭ କରିବ । ଏହି ଫିଲ୍ମରେ ଫାତିମା ସାନା ଶେଖ୍ ଏବଂ ବିଜୟ ବର୍ମାଙ୍କ ସମେତ ନାସିରୁଦ୍ଦିନ୍ ଶାହ, ବିଭୁ ପୁରୀ ଏବଂ ସରିବ ହାଶମୀ ମଧ ମୁଖ୍ୟ ଭୂମିକାରେଦେଖିବାକୁ ପାଇବେ ଦର୍ଶକ ।

## ରକ୍ତ ଗୋଲାପ'ରେ ପ୍ରେମ ଓ ତ୍ୟାଗର ଲଢେଇ




ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ଫାଷ୍ଟ ଲୁକ୍ ସାମ୍ନାକୁ ଆସିଛି, ଯେଉଁଥିରେ ନାୟିକା ଏଲିନା ସାମନ୍ତରାୟଙ୍କୁ ଦେଖିବାକୁ ମିଳିଛି। ପ୍ରେମ ଓ ତ୍ୟାଗର ନ୍ୟାୟିକ ଲଢେଇ ଉପରେ ପର୍ଯ୍ୟବସିତ ଏହାର କାହାଣୀ। ଜଣେ ନାରୀ କିଭଳି ନିଜ ପରିବାରର ସୁରକ୍ଷା ପାଇଁ ଏକ ବଡ ଆହ୍ୱାନକୁ ଗ୍ରହଣ କରିନିଏ ଏଥିରେ ତାର ନିଛକ ଅବତାରଣା ରହିଛି।ଏଲିନାଙ୍କ ବ୍ୟତୀତ ଅଭିଷେକ ଗିରି, ସମରେଶ ରାଉତରାୟ, ଚୌଧୁରୀ ଜୟପ୍ରକାଶ ଦାସ, ହର ରଥ ଓ ଉଦିତ ଗୁରୁଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। ପୋଷ୍ଟର ଟି ସୁଦୃଶ୍ୟ ହେବା ସହ ଆକର୍ଷଣୀୟ ହୋଇପାରିଛି। 'ରକ୍ତ ଗୋଲାପ ' ଚଳଚିତ୍ରର ପ୍ରଯୋଜନା କରିଛନ୍ତି ଅଶ୍ରୁଜିତ ମହାପାତ୍ର ଓ ଶୋଭନ ଦାସ। ନିର୍ଦ୍ଦେଶନା ଦେଇଛନ୍ତି ଶିଶିର କୁମାର ସାହୁ ଓ ପିନାକୀ ସିଂ। ପୂର୍ବରୁ 'ଚରିତ୍ର' (୨୦୨୦), 'ଡାଲଚିନି' (୨୦୨୨) ଓ 'ଫାଲଗୁନ ଚୈତ୍ର'ର ନିର୍ଦ୍ଦେଶନା ଦେଇ ବେଶ ସଫଳତା ହାସଲ କରିଛନ୍ତି ଏହି ନିର୍ଦ୍ଦେଶକ ଯୋଡି। 'ରକ୍ତ ଗୋଲାପ'ର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଆଶିଷ ପ୍ରଧାନ। ଚିତ୍ରନାଟ୍ୟ ତଥା ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାସ ଓ ଅନିଲ ବାରିକ।

Printed and published by Editor - Arjun Panda on behalf of Gayatri Industries. and printed at Gayatri Industries, plot no - T.S 3/193,Sec - A, Zone B, Mancheswar Industrial Estate, Bhubaneswar, Odisha - 751010.
Editor - Arjun Panda

ଚେତନା

ସୋମବାର ୧୭ ନଭେମ୍ବର ୨୦୨୫ ବର୍ଷ - ୨୮ , ଅଙ୍କ-୧୧ , ପୃଷ୍ଠା -୦୮

# ଭଞ୍ଜନଗରରେ ସାମ୍ବାଦିକତା ଦିବସ



ଭଞ୍ଜନଗର,୧୬।୧୧, ଚେତନା ମିଡ଼ିଆ : ସ୍ଥାନୀୟ ପ୍ରେସ କ୍ଲବ ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି I ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ କୁମାର ଦେ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର କୃତିବାସ ବିଶ୍ୱାଳ ଯୋଗ ଦେଇଥିଲେ I ସାମ୍ବାଦିକ ଦେଶର ଚତୁର୍ଥ ସ୍ତମ୍ଭ ବୋଲି କୁହା ଯାଉଥିବା ବେଳେ ସାମ୍ବାଦିକ ଟିଏ କେଉଁଭଳି ପରିସ୍ଥିତିରେ ଖବର ସଂଗ୍ରହ କରିଥାଏ ସେକଥା ସେ ହିଁ ହୃଦୟଙ୍ଗମ କରିଥାଏ I ନିର୍ଭୁଲ ଖବର ଟିଏ ପରିବେଷଣ କରିବା ପାଇଁ ଖରା ବର୍ଷା ଶୀତ କୁ ଖାତିର ନ କରି ଘଟଣା ସ୍ଥଳକୁ ଯାଇ ସତ୍ୟା ସତ୍ୟ ଖବର ସଂଗ୍ରହ କରି ଲୋକ ଲୋଚନକୁ ଆଣିଥାଏ ସାମ୍ବାଦିକ I ଏଣୁ ଗଣମାଧମ ହିଁ ସମାଜର ମୁଖ ଦର୍ପଣ। ନିଜ ଲେଖନୀ ମୁନରେ ସେ ହିଁ ସମାଜରେ ଘଟି ଯାଉଥିବା ଘଟଣାବଳୀ କୁ ଦର୍ପଣ ଭଳି ଲୋକଙ୍କ ନିକଟରେ ପ୍ରତିପାଦିତ କରାଇଥାଏ ବୋଲି ଏଠାରେ ମତ ପ୍ରକାଶ ପାଇଥିଲା। ଜାତୀୟ ପ୍ରେସ ଦିବସରେ ବହୁ ବରିଷ୍ଠ ସାମ୍ବାଦିକ ମାନେ ଦୀର୍ଘ ବର୍ଷ ର ଅନୁଭୂତି ବିଷୟରେ ଆଲୋଚନା କରିଥିଲେ। ସମାଜରେ ଅବହେଳିତ ହୋଇଥିବା ଲୋକଙ୍କୁ ମୁଖ୍ୟ ସ୍ରୋତ କୁ ଆଣିବା ସହିତ ତାର ସରକାରୀ ସମସ୍ତ ସୁବିଧା କିପରି ପାଇବ ତାହା ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବା ହେଉଛି ସାମ୍ବାଦିକ ର ମୂଳ ଲକ୍ଷ୍ୟ I ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଦେ ତାଙ୍କ ବକ୍ତବ୍ୟ ରେ କହିଥିଲେ ସାମ୍ବାଦିକ ଟିଏ ହିଁ ବହୁ ଘଟଣା ଦୁର୍ଘଟଣା କୁ ଲୋକ ଲୋଚନ କୁ ଆଣିଥାଏ। ଯେଉଁଥିରେ ପୀଡିତ ପରିବାର କୁ ଉଚିତ ନ୍ୟାୟ ମିଳିଥାଏ। ସେହିପରି ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ବିଶ୍ୱାଳ ସାମ୍ବାଦିକ ଟିଏ ନାରଦ ପରି ସମାଜର ପ୍ରତି କୋଣ ଅନୁକୋଣ ରେ ପହଞ୍ଚି ଘଟୁଥିବା ଘଟଣାବଳୀ କୁ ଲୋକଲୋଚନକୁ ଆଣି ତାର ସମାଧାନ ପାଇଁ ଚେଷ୍ଟା କରିଥାଏ ବୋଲି ଉଲ୍ଲେଖ କରିଥିଲେ।କାର୍ଯ୍ୟକ୍ରମ ରେ ପ୍ରେସ କ୍ଲବ ର ସଭାପତି ଲୋକନାଥ କର ଅଧକ୍ଷତା କରିଥିବାବେଳେ ଉପଦେଷ୍ଟା ରବୀନ୍ଦ୍ର ପାତ୍ର, ସମ୍ପାଦକ ବାବୁଲା ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଅନ୍ୟତମ ସଦସ୍ୟ ମନୋଜ ଗୌଡ଼, ନିଲୁ ବିଶୋୟୀ, ଜୟକୃଷ୍ଣ ପଟନାୟକ, ଅମରେନ୍ଦ୍ର ପଟନାୟକ, ବୀରେନ୍ଦ୍ର ସ୍ୱାଇଁ, ନଚିକେତା ପ୍ରଧାନ, ସୁଶାନ୍ତ ସାହୁ, ରାଜେଶ ପଣ୍ଡା, ରତ୍ନାକର ସାହୁ, ରବୀନ୍ଦ୍ର ପ୍ରଧାନ, ଲୋକନାଥ ମହାନ୍ତି, ରଞ୍ଜନ ସ୍ୱାଇଁ ଓ ମନୋଜ କୁମାର କର ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ସଂପାଦକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଭକ୍ତିସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ



ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡେମୀ, କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଓଡ଼ିଆ ଚେୟାର, କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ଏବଂ ବାରାଣସେୟ ଉତ୍କଳ ସମାଜର ମିଳିତ ଆନୁକୂଲ୍ୟରେ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ଠାରେ ଆଜି ଭକ୍ତିସାହିତ୍ୟ ଉପରେ ଏକ ଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଜିତ କୁମାର ଚତୁର୍ବେଦୀ ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ସେ କହିଥିଲେ ଯେ, ଧର୍ମ ଓ ସାହିତ୍ୟ କ୍ଷେତ୍ରରେ ଭକ୍ତି ସାହିତ୍ୟ ଯେଉଁ ଗଣଚେତନା ସୃଷ୍ଟି କରିଥିଲା ତାହାର ପ୍ରଭାବ ଅତ୍ୟନ୍ତ ସୁଦୁରପ୍ରସାରୀ ରହିଥିଲା । ଜ୍ଞାନ, ପ୍ରେମ, ଭକ୍ତି, କରୁଣା ଓ ବୈରାଗ୍ୟ ରହିଥିଲା ଏହାର ଆଧାର। ବିନମ୍ରତା, ଅହଂଶୂନ୍ୟ ଜୀବନ ଓ ଆତ୍ମିକ ବିଭୁପ୍ରେମ ହିଁ ଭକ୍ତିସାହିତ୍ୟର ପ୍ରମୁଖ ବାର୍ତ୍ତା ରହିଥିଲା ବୋଲି ପ୍ରଫେସର ଅଜିତ କୁମାର ଚତୁର୍ବେଦୀ ମତପ୍ରକାଶ କରିଥିଲେ।ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା କହିଥିଲେ ଯେ, ସନ୍ଥ ସାହିତ୍ୟ ଓ ହିନ୍ଦୁ ସଂସ୍କାରରେ ଈଶ୍ୱରଙ୍କୁ ଲାଭ କରିବାର ଯେଉଁ ଚତୁର୍ବିଧ ମାର୍ଗର ନିର୍ଦ୍ଦେଶ ରହିଛି ତନ୍ମଧ୍ୟରୁ ଭକ୍ତିମାର୍ଗ ଅନ୍ୟତମ। କର୍ମ, ଜ୍ଞାନ ଓ ଯୋଗମାର୍ଗ ଅପେକ୍ଷା ଭକ୍ତିମାର୍ଗ ସମସ୍ତଙ୍କ ମଧ୍ୟରେ ଆଦରଣୀୟ ବୋଲି ଡ଼. ହୋତା ମତପ୍ରକାଶ କରିଥିଲେ। ଏଥିସହିତ ଡ଼. ହୋତା ଭକ୍ତିସାହିତ୍ୟର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ।ଆଜିର ଏହି ଆଲୋଚନଚକ୍ରରେ "ପଞ୍ଚସଖା ଓ ଶ୍ରୀ ଚୈତନ୍ୟ", "ଭକ୍ତିଆନ୍ଦୋଳନ ଓ ଓଡ଼ିଆ ଭାଗବତ" ଉପରେ ସବିସ୍ତୃତ ଆଲୋଚନା କରାଯାଇଥିଲା। ଆଜିର ଭକ୍ତି ସାହିତ୍ୟ ଆଲୋଚନା ଚକ୍ରରେ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଓଡ଼ିଆ ଚେୟାର ସମନ୍ୱୟକ ପ୍ରଫେସର ଗୋପବନ୍ଧୁ ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ଼କ୍ଟର ପ୍ରଫୁଲ୍ଲ କୁମାର ମିଶ୍ର, କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ପ୍ରଫେସର ବଳରାଜ ପାଣ୍ଡେ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ରବୀନ୍ଦ୍ର ନାଥ ମିଶ୍ର, ପ୍ରଫେସର ବାଉରୀ ବନ୍ଧୁ ସାହୁ, ଡ଼କ୍ଟର ବାବାଜୀ ଚରଣ ପଟ୍ଟନାୟକ, ଜବାହର ଲାଲ ନେହେରୁ ବିଶ୍ୱବିଦ୍ୟାଳୟ ପ୍ରଫେସର ଓମ୍ ପ୍ରକାଶ ସିଂହ, ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ପ୍ରମୁଖ ଯୋଗ ଦେଇଥିଲେ।

# ନେହେରୁଙ୍କ ପରିକଳ୍ପନା ଭାରତ କେତେ ବାସ୍ତବ ନେଇ ଆଲୋଚନା




ଭଞ୍ଜନଗର, ୧୬।୧୧, ଚେତନା ମିଡ଼ିଆ: ରାଧାକୃଷ୍ଣ ପାଠାଗାର ଗୃହରେ "ନେହେରୁଙ୍କ ପରିକଳ୍ପିତ ଭାରତ, କେତେ ବାସ୍ତବ !" ପ୍ରସଙ୍ଗ ଭିତ୍ତିକ ଆଲୋଚନା ସଭା ଅନୁଷ୍ଠାନର ସଭାପତି ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଣ୍ଡିତ ନେହେରୁଙ୍କ ଫଟୋଚିତ୍ରରେ ଅତିଥି ମାନଙ୍କଦ୍ୱାରା ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ସଂଗୀତ ଗୁରୁ ଅଶୋକ କୁମାର ମହାପାତ୍ରଙ୍କ ଏକ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ପ୍ରାକ୍ତନ ଅଧକ୍ଷ କୃତ୍ତିବାସ ବିଶ୍ୱାଳ ନେହେରୁଙ୍କୁ ଜଣେ ବିଦ୍ୱାନ, ବିଜ୍ଞ ରାଜନୀତିଜ୍ଞ ଓ ଉତ୍ସର୍ଗୀକୃତ ସ୍ୱାଧୀନତା ସଂଗ୍ରାମୀ ବୋଲି କହିବା ସହିତ ସ୍ୱାଧୀନତା ପ୍ରାପ୍ତି ପରେ ସମ୍ବିଧାନ ପ୍ରଣୟନ, ସୁସ୍ଥ ସମାଜ ଗଠନ, ରାଜନୈତିକ ସମସ୍ୟା ସମାଧାନ ଦିଗରେ ତାଙ୍କର ଦକ୍ଷତାକୁ ଭୂୟସି ପ୍ରଶଂସା କରିଥିଲେ।ସମ୍ମାନୀତ ଅତିଥି ତଥା ବରିଷ୍ଠ ଆଇନଜୀବୀ ବୈଦ୍ୟନାଥ ସାହୁ ଭାଷଣ ପ୍ରସଙ୍ଗରେ କହିଥିଲେ ଯେ, ବାମପନ୍ଥୀ ଚିନ୍ତାଧାରାରେ ଉଦବୁଦ୍ଧ ନେହେରୁ ଗାନ୍ଧିଜୀଙ୍କ ସ୍ୱାଧୀନତା ଆନ୍ଦୋଳନକୁ ଆପଣେଇବା ସହିତ ଲୋକଙ୍କର ନ୍ୟାର୍ଯ୍ୟ ଅଧିକାର ପାଇଁ ସଂଗ୍ରାମ କରିଥିଲେ। ସ୍ୱାଧୀନୋତ୍ତର ଭାରତରେ ବିଭିନ୍ନ ଧର୍ମ, ଜାତି ଓ ଅର୍ଥ ନୈତିକ ବୈଷମ୍ୟକୁ ଦୃଷ୍ଟିରେ ରଖି ସେ ଶାସନ ବ୍ୟବସ୍ଥା ଗ୍ରହଣ କରିଥିଲେ।ଅଧାପିକା ସୁଜାତା ସିଂ ପଣ୍ଡିତ ନେହେରୁଙ୍କ ଧର୍ମନିରପେକ୍ଷ ନୀତି, ଶିଶୁ ପ୍ରୀତି ଓ ଅର୍ଥନୀତି ଉପରେ ଆଲୋକପାତ କରିବା ସହିତ ସେ ଜଣେ ବିଜ୍ଞ, ବିଚକ୍ଷଣ ବୁଦ୍ଧିସମ୍ପନ୍ନ ଲେଖକ ବୋଲି କହିଥିଲେ। ମୁଖ୍ୟ ବକ୍ତା ପ୍ରାକ୍ତନ ପ୍ରାଧାପକ ରବିନ୍ଦ୍ର ନାଥ ପାଳ ନେହେରୁଙ୍କୁ ଜଣେ ଉଚ୍ଚ ଶିକ୍ଷିତ ଓ ଯୋଗଜନ୍ମା ବ୍ୟକ୍ତିତ୍ୱ ବୋଲି ବର୍ଣ୍ଣନା କରିଥିଲେ। ଇଂରେଜୀ ଶାସନ ଅବସାନ ପରେ ସ୍ୱାଧୀନୋତ୍ତର ଭାରତରେ ଦେଖାଦେଇଥିବା ଅର୍ଥନୈତିକ ଓ ସାମାଜିକ ବୈଷମ୍ୟକୁ ଦୃଷ୍ଟିରେ ରଖି ପଞ୍ଚବାର୍ଷିକ ଯୋଜନାରେ କୃଷି, ଶିଳ୍ପ,ଜଳସେଚନ,ଶିକ୍ଷାର ବିକାଶ ଓ ନୂତନ ବୈଜ୍ଞାନିକ ଜ୍ଞାନ କୌଶଳର ପ୍ରୟୋଗ ପାଇଁ ବିଶେଷ ଗୁରୁତ୍ୱ ପ୍ରଦାନ କରିଥିଲେ। ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ଓ ସମାଜବାଦ ଭିତ୍ତିକ ସମାଜ ଗଠନ କରିବା ନେହେରୁଙ୍କ ପ୍ରଧାନ ଲକ୍ଷ୍ୟ ଥିଲା ବୋଲି କହିଥିଲେ।ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବାର ଆସୋସିଏସନର ସଭାପତି ଅଭିମନ୍ୟୁ ଗୌଡ଼, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମ ଚରଣ ପ୍ରଧାନ ଓ ସଂଗୀତ ଗୁରୁ ଅଶୋକ କୁମାର ମହାପାତ୍ର ଆଲୋଚନା ରେ ଅଂଶଗ୍ରହଣ କରି କହିଥିଲେ ଯେ,ନେହେରୁଙ୍କ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ,ପଞ୍ଚଶୀଳ ନୀତି ଓ ପୃଥିବୀରେ ଶାନ୍ତି ଆଣିବା ପାଇଁ ପ୍ରଚେଷ୍ଟା ତାଙ୍କୁ ମାନବ ସମାଜ ସବୁ ଦିନ ପାଇଁ ମନେ ରଖିଥିବ। ନେହେରୁ ଜଣେ ଉଚ୍ଚ ଶିକ୍ଷିତ, ଧନୀ ପରିବାର ସମ୍ଭୁତ ବ୍ୟକ୍ତିତ୍ୱ ହେଲେ ମଧ ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ପ୍ରାୟ 10 ବର୍ଷ କାରାବରଣ କରିଥିଲେ। ଶିକ୍ଷୟିତ୍ରୀ ସଂଗୀତା ପଣ୍ଡା ଉଦଯାପନୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଉଲା ସେଠୀ, ଯୁବ କଂଗ୍ରେସ ନେତା ସୁକାନ୍ତ କୁମାର ଦିଗାଲ, ଶିକ୍ଷକ ଭଂଜକିଶୋର ପ୍ରଧାନ, ପ୍ରସନ୍ନ କୁମାର ତ୍ରିପାଠୀ, ଅବସର ପ୍ରାପ୍ତ ମୁଖ୍ୟ କିରାଣୀ ତାରିଣୀ ଚରଣ ନାୟକ, ବରିଷ୍ଠ ସରକାରୀ ଆଇନଜୀବୀ ରଂଜିତ କୁମାର ତ୍ରିପାଠୀ, ପ୍ରତାପ ସାହୁ, ଅବସର ପ୍ରାପ୍ତ ଶିକ୍ଷକ ଯୁଦ୍ଧିଷ୍ଠିର ଗୌଡ଼, ଭାସ୍କର ସାମଲ,ସୁରେନ୍ଦ୍ର ବେହେରା ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ସମ୍ପାଦକ ଭଂଜକିଶୋର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଘନ କୁହୁଡ଼ି ଯୋଗୁଁ ଟ୍ରକ୍ ଦୁର୍ଘଟଣା, ଚାଲିଗଲା ଚାଳକଙ୍କ ଜୀବନ



ରାୟଗଡ଼ା: ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ବୁଡୁଣି ଛକ ରାଜ୍ୟ ରାଜପଥରେ ଟ୍ରକ ଓଲଟିଯିବା ଫଳରେ ଚାଳକ ମୃତ୍ୟୁବରଣ କରିଥିବା ଜଣାପଡିଛି । ମୃତ ଚାଳକ ଜଣଙ୍କ ହେଲେ ଉତ୍ତର ପ୍ରଦେଶର। ଏକ ଲୁହା ବୋଝେଇ ଟ୍ରକ୍ ବିଶାଖାପାଟଣା ରୁ ରାଉରକେଲା ଅଭିମୁଖେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡ଼ିଥିଲା। ଚାଳକ ଜଣଙ୍କ ଗାଡି ତଳେ ଚାପି ହୋଇ ରହିଥିବା ବେଳେ ବିଷମ କଟକ ପୁଲିସ୍ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚାଲୁରଖିଥିବI ବେଳେ ଦୀର୍ଘ ଘଣ୍ଟା ପରେ ଚାଳକଙ୍କ ମୃତଦେହ ଉଦ୍ଧାର କରାଯାଇଛି।ତେବେ ଗାଡ଼ି ତଳେ ହେଲ୍ପର ରହିଯାଇ ଥିବା ଅନୁମାନ କରାଯାଉଥିବା ବେଳେ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଗ୍ୟାସ କଟର ସାହାଯ୍ୟରେ ଲୁହା ଗୁଡ଼ିକ କାଟିବା ସହ ଉଦ୍ଧାର କାର୍ଯ୍ୟ ଚାଲୁ ରଖିଛନ୍ତି । ସକାଳୁ ସକାଳୁ ଘନ କୁହୁଡି ଯୋଗୁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ପୁଲିସ ଘଟଣାରେ ତଦନ୍ତ କରୁଥିବା ବେଳେ ମୃତକଙ୍କ ପରିଚୟ ମିଳି ପାରିନାହିଁ I

# ଗଜସାଥୀ କର୍ମଶାଳା ତାଲିମ୍ ଶିବିର



ଭଞ୍ଜନଗର, ୧୬।୧୧, ଚେତନା ମିଡ଼ିଆ: ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ବନାଞ୍ଚଳ କାର୍ଯ୍ୟାଳୟ ପରିସରେ ଗଜସାଥୀ କର୍ମଶାଳା ତାଲିମ୍ ଶିବିର ଶୁକ୍ରବାର ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ଥିବା ବେଳେ ସମାନ୍ନୀତ ଅତିଥି ଜଗନ୍ନାଥପ୍ରସାଦ ଉପାଧକ୍ଷ ନିଳାଞ୍ଚଳ ଖିଲାର ,ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି,ଏସିଏଫ ବିମଳ ପ୍ରଧାନ,ମୁଜାଗଡ ବନାଞ୍ଚଳ ଅଧିକାରୀ ବିମ୍ବାଧର ସାହୁ,କେନ୍ଦ୍ରିୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ ,ଗାଲେରୀ ବନାଞ୍ଚଳ ଅଧିକାରୀ ଗ୍ୟାନେନ୍ଦ୍ର ଲିମା,ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ସୁଶ୍ରୀ ସୁଜାତା ରାଣୀ ପଣ୍ଡା,ତାରସିଂ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ବେହେରା ସମେତ ସମସ୍ତ ବନପାଳ ,ବନରକ୍ଷୀ ବିଭିନ୍ନ ଗ୍ରାମରୁ ଆସିଥିବା ଭିଏସଏସ ୬୦ଜଣ କର୍ମକର୍ତ୍ତା,ଗଜସାଥୀ ରକର୍ମଚାରୀ ଏସଓଜି କର୍ମକର୍ତ୍ତା ଉପସ୍ଥିତ ଥିଲେ ।ବନ୍ୟପ୍ରାଣୀ ,ଜଙ୍ଗଲ ସୁରକ୍ଷା, ହାତୀ ସୁରକ୍ଷା ଉପରେ ଏହି କର୍ମଶାଳା ତାଲିମ୍ ଶିବିରରେ ଆଲେଚନା କରାଯାଇଥିଲା। ବତ୍ତମାନ ହାତୀ,ବାରାହା ଖାଦ୍ୟା ପାଇ ନ ପାରି ଜଙ୍ଗଲରୁ ବାହାରି ଆସି ଚାଷିମାନଙ୍କ ବିଲରେ ପଶି ଧାନ ଫସଲ ନଷ୍ଟକରୁଥିବାରୁ ମନୁଷ୍ୟ ଏବଂ ବନ୍ୟପ୍ରାଣୀ ଙ୍କ ମଧ୍ୟରେ ସଂଘର୍ଷ ଲାଗିରହୁଅଛି।ଏହିକୁ ଆଶୁ ସମାଧାନ ନିମନ୍ତେ ସରକାରଙ୍କ ତରଫରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଅନୁକମ୍ପା ବ୍ୟବସ୍ଥା କରାଯାଇଛି।ଯଦି କୈଣସି ଗୃହପାଳିତ ବନ୍ୟପ୍ରାଣୀ ଙ୍କ ଦ୍ୱାରା ଗାଇ,ବଳଦ ଓ ମଇଁଷି କ୍ଷୟକ୍ଷତି ହୁଏ ତାହାଲେ ୩୭.୫୦୦ ଅନୁକମ୍ପା ରାଶି ଦେବାର ବ୍ୟବସ୍ଥା ରହିଛି ବେଲେ ବିଧାୟକ ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ। ବନ୍ୟଜନ୍ତୁଙ୍କ ସୁରକ୍ଷା ହାତୀର ଗତିବିଧିକୁ ନିୟନ୍ତ୍ରଣ କରି ଉଭୟ ଗ୍ରାମବାସୀ,ଚାଷୀ ଓ ବନବିଭାଗ ସହିତ ଯୋଗାଯୋଗ ରକ୍ଷା କରିବା ସହିତ ପ୍ରତ୍ୟେକ ଦିନ ହାତୀର ଖବର ବନବିଭାଗକୁ ଜଣାଇବାକୁ କୁହାଯାଇଥିଲା।ଏହି ତାଲିମ୍ କାର୍ଯ୍ୟକ୍ରମକୁ ସଂଯୋଜନା ମଞ୍ଚ ପରିଚାଳନା ରାମଚନ୍ଦ୍ର ବାରିକ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ତାରସିଂ ବନାଞ୍ଚଳ ବନପାଳ କଳାବଦନ ଦାସ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ଯୋଗେନ୍ଦ୍ର ନାଥ ସ୍ୱାଇଁ,ରଞ୍ଜନ କୁମାର ବେହେରା,ଟୁନା ମଳିକ,ଗନ୍ଧର୍ବ ଶଣ ନାଇକ,କୃଷ୍ଣ ନାହାକ ଶୁଭସ୍ମିତା ଦାସ,ସନ୍ତୋଷ କୁମାର ଗୌଡ଼,କିରଣ ଶୋଭାସମେତ ୩୦ଟି ଭିଏସଏସ ର କର୍ମକର୍ତ୍ତା ଯୋଗଦେଇଥିଲେ

# ଉତ୍କଳ ସାମ୍ବାଦିକ ସଂଘ ମାଲକାନଗିରି ଜିଲ୍ଲା ପକ୍ଷରୁ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ



ମାଲକାନଗିରି, ୧୬।୧୧, ଚେତନା ମିଡ଼ିଆ : ଉତ୍କଳ ସାମ୍ବାଦିକ ସଂଘ ମାଲକାନଗିରି ଜିଲ୍ଲା ପକ୍ଷରୁ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ କାଲିମେଳା ଠାରେ ପାଳିତ ହୋଇଯାଇଛି। ଏହି ଅବସର ରେ କାଲିମେଳା ବ୍ଲକ ବନ ବିଭାଗ ଅତିଥି ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘର ସଭାପତି ଅଶୋକ ମିଶ୍ର ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷା ସୁଭାସିନୀ ସୋଡି, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଅନ୍ୟତମ ଅତିଥି ଭାବେ କାଲିମେଳା ବିଡିଓ ପ୍ରଦୀପ କର, ତହସିଲଦାର ରାମକୃଷ୍ଣ ସତ୍ୟରାଜଗୁର, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ଆମ୍ଭସମ୍ୟାନ ନୃସିଂହ ଚରଣ ମହାନ୍ତି, ଥାନା ଅଧିକାରୀ ମୁକୁନ୍ଦ ମେଲକା, ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ର ସମ୍ପାଦକ ବି ଶ୍ରୀନିବାସ ପାତ୍ର, ଉପ ସଭାପତି ପ୍ରଶାନ୍ତ ସାହୁ, କୋଷାଧକ୍ଷ ହୃଷିକେଶ ସେଠି, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମଲ୍ଲ, କାଲିମେଳା ବ୍ଲକ ସଭାପତି ସତ୍ୟ ନାରାୟଣ ସୁବୁଦ୍ଧି ପ୍ରମୁଖ ମଂଚାସିନ ଥିଲେ। ସ୍ୱଚ୍ଛ ସମ୍ବାଦ ପରିବେଷଣ ଦ୍ୱାରା ସମାଜରେ ନ୍ୟାୟ ପ୍ରତିଷ୍ଠା ସମ୍ଭବ ହୋଇପାରୁଛି ଅତିଥିଭାବେ ମାନେ ମତ ପ୍ରକାଶ କରିଥିଲେ ।